

# କଟକ ସିଟି

ବିଜେଡି ସହ କାହାର ହେବ ଟକ୍କର?

# ତିନି କଟକରେ ଭିନ୍ନ ସମୀକରଣ

କଟକ, ୧୧।୪(ସମିସ)

ତିନି ଗୁରୁତ୍ୱପୂର୍ଣ୍ଣ ବିଧାନସଭା ନିର୍ବାଚନ ମଣ୍ଡଳୀ ତଥା ବାରବାଟୀ-କଟକ, ଚୌଦ୍ୱାର-କଟକ ଓ କଟକ ସଦରରେ କଟକ ମହାନଗର ନିଗମ ଅଞ୍ଚଳ ଯାଉଛି। ମହାନଗର ନିଗମର ସମସ୍ତ ୫୯ଟି ଯାକ ୱାର୍ଡ ସହ ଅନ୍ୟାନ୍ୟ ସ୍ଥାନ ଏହି ତିନିଗୋଟି ନିର୍ବାଚନ ମଣ୍ଡଳୀର ଅନ୍ତର୍ଭୁକ୍ତ। ହେଲେ ଚଳିତ ବର୍ଷ ହେବାକୁ ସାଧାରଣ ନିର୍ବାଚନରେ ଏହି ତିନି ଗୋଟି ନିର୍ବାଚନ ମଣ୍ଡଳୀରେ ବିଜୁ ଜନତା ଦଳ ପ୍ରାର୍ଥୀଙ୍କ ସହ କେଉଁ ଦଳର ପ୍ରାର୍ଥୀଙ୍କ ସିଧାସଳଖ ମୁକାବିଲା ହେବ ତାହାକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଆଲୋଚନା ହେଉଛି। ତିନୋଟି ଯାକ ନିର୍ବାଚନ ମଣ୍ଡଳୀ ଗୁଡିକରେ ଭିନ୍ନ ଭିନ୍ନ ସମୀକରଣ ଦେଖିବାକୁ ମିଳିବ ବୋଲି ଜଣାପଡ଼ିଛି। କଟକ ମହାନଗର ନିଗମର ୧ରୁ ୨୪ନମ୍ବର ୱାର୍ଡ ଓ ୨୬ନମ୍ବର ୱାର୍ଡ ବାରବାଟୀ-କଟକ ବିଧାନସଭା କ୍ଷେତ୍ର ଆସନରେ ରହିଛି। ସେହିପରି ଚୌ÷ଦ୍ୱାର-କଟକରେ ୨୫, ୪୪ ଓ ୪୫ନମ୍ବର ୱାର୍ଡ ସହିତ ୱାର୍ଡ ନଂ୨୭ରୁ ୪୨ପର୍ଯ୍ୟନ୍ତ ୱାର୍ଡ ଯାଉଛି। ଏଥିସହ ଚୌଦ୍ୱାର ପୌ÷ରପାଳିକା ଓ ଟାଙ୍ଗୀ-ଚୌ÷ଦ୍ୱାର ବ୍ଲକର ୪ଗୋଟି ପଞ୍ଚାୟତ ଅନ୍ତର୍ଭୁକ୍ତ ରହିଛି। ସେହିପରି କଟକ ସଦରରେ ମହାନଗର ନିଗମର ୪୩, ୪୬, ୪୭ଓ ୪୮ନମ୍ବର ୱାର୍ଡ ସମେତ କଟକ ସଦର ବ୍ଲକ ଓ ନିଶ୍ଚିନ୍ତକୋଇଲି ବ୍ଲକର ୧୪ଟି ପଞ୍ଚାୟତ ରହିଛି। ୨୦୦୯ରେ ବାରବାଟୀ-

**● ବାରବାଟୀ-କଟକ, ଚୌଦ୍ୱାର-କଟକ ଓ କଟକ ସଦର ବିଧାନସଭା କ୍ଷେତ୍ର**

କଟକ ପୁନର୍ଗଗଠନ ପର ଠାରୁ ଏଠରେ ବିଜେଡି ଓ କଂଗ୍ରେସ ମଧ୍ୟରେ ସିଧାସଳଖ ମୁକାବିଲା ହୋଇ ଆସିଥିବାର ଜଣାପଡ଼ିଛି। ଯେଉଁଠି ବିଜେପି ଏହି ସମସ୍ତ ନିର୍ବାଚନରେ ତୃତୀୟ ହୋଇଛି। ଏଥର ଏଠାରେ ବିଜେଡି ସହ କଂଗ୍ରେସ ନା ବିଜେପିର ମୁକାବିଲା ହେବ ତାହା ଆଗାମୀ ଦିନରେ ସ୍ପଷ୍ଟ ହେବ। ୨୦୦୯ନିର୍ବାଚନରେ ବିଜେଡି ପ୍ରାର୍ଥୀ ଦେବାଶିଷ ସାମନ୍ତରାୟ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ କଂଗ୍ରେସ ପ୍ରାର୍ଥୀ ସୁରେଶ ମହାପାତ୍ରଙ୍କୁ ହରାଇଥିଲେ। ୨୦୧୪ନିର୍ବାଚନରେ ବିଜେଡି ପ୍ରାର୍ଥୀ ଦେବାଶିଷ କଂଗ୍ରେସ ପ୍ରାର୍ଥୀ ଇଂ ମହମ୍ମଦ ମୋକିମଙ୍କୁ ୧୪ହଜାରରୁ ଅଧିକ ଭୋଟ ବ୍ୟବଧାନରେ ହରାଇଥିଲେ। ଯେଉଁଠି ବିଜେପି ପ୍ରାର୍ଥୀ ବହୁ ପଛରେ ରହି ଯାଇଥିଲେ। ୨୦୧୯ରେ କଂଗ୍ରେସ ପ୍ରାର୍ଥୀ ମୋକିମ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦୀ ବିଜେଡିର ଦେବାଶିଷଙ୍କୁ ହରାଇଥିଲେ। ଏଥର ଏଠାରେ ବିଜେଡି ପ୍ରାର୍ଥୀ ପ୍ରକାଶ ଚନ୍ଦ୍ର ବେହେରାଙ୍କ ବିପକ୍ଷରେ କଂଗ୍ରେସ ଓ ବିଜେପିରୁ କିଏ ଲଢିବ ତାହା ଏପର୍ଯ୍ୟନ୍ତ ଘୋଷଣା ହୋଇନାହିଁ। ସେହିପରି ଚୌଦ୍ୱାର-କଟକରେ ଗତଥର ଯାହା ସମୀକରଣ ଥିଲା ସେଥିରେ ପରିବର୍ତ୍ତନ ହେବାର ସମ୍ଭାବନା ରହିଛି। ଏଠାରୁ ଗତ ୨୦୧୯ ନିର୍ବାଚନରେ ବିଜେଡି ପ୍ରାର୍ଥୀ ସୌ÷ଭିକ ବିଶ୍ୱାଳ ତାଙ୍କର ମୁଖ୍ୟ ପ୍ରତିଦ୍ୱନ୍ଦୀ ବିଜେପି ପ୍ରାର୍ଥୀ ନୟନକିଶୋର ମହାନ୍ତିଙ୍କୁ ହରାଇଥିଲେ। କିନ୍ତୁ ୨୦୧୪ରେ ବିଜେଡି ପ୍ରାର୍ଥୀ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ଥିଲେ କଂଗ୍ରେସ ପ୍ରାର୍ଥୀ ସୁରେଶ ମହାପାତ୍ର। ୨୦୦୯ରେ କିନ୍ତୁ ବିଜେଡି ସହ ସ୍ୱାଧିନ ପ୍ରାର୍ଥୀଙ୍କ ସିଧାସଳଖ ଲଢେଇ ହୋଇଥିଲା। ଯେଉଁଠି କଂଗ୍ରେସ ଓ ବିଜେପି ପଛରେ ପଡ଼ିଯାଇଥିଲେ। ଏଥର ବିଜେଡିର ସୌ÷ଭିକ ବିଶ୍ୱାଳଙ୍କ ସହ ବିଜେପି ନା କଂଗ୍ରେସ ପ୍ରାର୍ଥୀଙ୍କ ମୁଖ୍ୟ ପ୍ରତିଦ୍ୱନ୍ଦିତା ହେବ ତାହା ଦେଖିବାକୁ ବାକି ରହିଛି। ବିଜେପି ଏଥର ପୁଣି ନୟନ କିଶୋର ମହାନ୍ତିଙ୍କୁ ପ୍ରାର୍ଥୀ ଘୋଷଣା କରିଥିବା ବେଳେ କଂଗ୍ରେସ ଏଠାରୁ ସୁରେଶ ମହାପାତ୍ର, ମାନସ ଚୌଧୁରୀ କିମ୍ବା ସନ୍ତୋଷ ଭୋଳଙ୍କ ମଧ୍ୟରୁ ଜଣଙ୍କୁ ପ୍ରାର୍ଥୀ କରିପାରେ। ସେହିପରି ବିଗତ ତିନିଗୋଟି ନିର୍ବାଚନରେ କଟକ ସଦର ସଂରକ୍ଷିତ ଆସନରେ ବିଜେଡିର ମୁଖ୍ୟ ପ୍ରତିଦ୍ୱନ୍ଦୀ ବିଜେପି ହୋଇଛି। କଂଗ୍ରେସ ଏଠାରେ ବହୁ ପଛରେ ପଡ଼ିଯାଇଥିଲା। ବିଜେଡି ଚନ୍ଦ୍ରସାରଥୀ ବେହେରା ଓ ବିଜେପି ପ୍ରକାଶ ଚନ୍ଦ୍ର ସେଠୀଙ୍କୁ ପ୍ରାର୍ଥୀ ଘୋଷଣା କରିଛି। ଗତ ୨୦୦୯, ୨୦୧୪ ଓ ୨୦୧୯ ନିର୍ବାଚନରେ ଏଠାରେ ବିଜେଡି ପ୍ରାର୍ଥୀଙ୍କ ମୁଖ୍ୟ ପ୍ରତିଦ୍ୱନ୍ଦୀ ଥିଲେ ବିଜେପି ପ୍ରାର୍ଥୀ ଦିଲ୍ଲୀପ ମଲ୍ଲିକ। ଏଥର ଦିଲ୍ଲୀପ ପ୍ରାର୍ଥୀ ହେଉ ନାହାଁନ୍ତି। କଂଗ୍ରେସ ମଧ୍ୟ ଏଯାଏଁ ପ୍ରାର୍ଥୀ ଚୟନ କରିପାରିନାହିଁ।

■ କାଳହେଲା ଅଦିନିଆ ବର୍ଷା

## ଡାଲି ଜାତୀୟ ଫସଲରେ କ୍ଷତି; ଅମଳ ବିଳମ୍ବ



କଟକ, ୧୧।୪(ସମିସ): କଟକ ଜିଲ୍ଲାରେ ରବି ଋତୁରେ ହୋଇଥିବା ମୁଗ ଓ ବିରି ଅମଳ କରାଯାଉଥିଲା ବେଳେ ଏବେଠାରୁ ବେପାରୀମାନେ ସରକାରଙ୍କ ଧାର୍ଯ୍ୟ ମୂଲ୍ୟ ଠାରୁ ବହୁ କମ ମୂଲ୍ୟରେ ଚାଷୀଙ୍କଠାରୁ କିଣିବାରେ ଲାଗିଛନ୍ତି। ଜିଲ୍ଲାର ସମସ୍ତ ୧୪ଟି ଯାକ ବ୍ଲକରେ ଚଳିତ ରବି ଋତୁରେ ମୁଗ ଓ ବିରି ଚାଷ ଆଶାଜନକ ହୋଇଥିବା ବେଳେ ଅଦିନିଆ ବର୍ଷା ପାଇଁ ଫସଲ କ୍ଷତି ଓ ଅମଳ ବିଳମ୍ବ ହୋଇଛି। ଚଳିତ ବର୍ଷ ୩୬ ହଜାର ୩୦୦ ହେକ୍ଟର ଜମିରେ ମୁଗ ଓ ୩୬ ହଜାର ହେକ୍ଟର ଜମିରେ ବିରି ଚାଷ କରାଯାଇଥିଲା। ଆକଳନ ଅନୁଯାୟୀ ପ୍ରାୟ ୧୫ଶହ ମେଟ୍ରିକ ଟନ୍ ମୁଗ ଓ ୧ ହଜାର ମେଟ୍ରିକ ଟନ୍ ବିରି ଉତ୍ପାଦନ ହୋଇପାରିଥାନ୍ତା। କଟକ ସଦର କୃଷି ଜିଲ୍ଲା ସହିତ ସାଲେପୁର, ଆଠଗଡ଼ ଓ ବାଙ୍କୀର ଚାଷୀମାନେ କେଜି ପିଛା ୫୦ରୁ ୫୫ ଟଙ୍କା ମଧ୍ୟରେ ବିକି ଦେଉଛନ୍ତି। ଏବେ ସଦର କୃଷି ଜିଲ୍ଲାର ୮ ହଜାର ୮ଶହ ହେକ୍ଟର ଜମିରେ ମୁଗ, ୭ ହଜାର ହେକ୍ଟର ଜମିରେ ବିରି, ବାଙ୍କୀ କୃଷି ଜିଲ୍ଲାର ୧୫ ହଜାର ୫ ଶହ ହେକ୍ଟର ଜମିରେ ମୁଗ, ୧୧ ହଜାର ହେକ୍ଟର ଜମିରେ ବିରି, ଆଠଗଡ଼ରେ ୧୦ ହଜାର ୫ଶହ ହେକ୍ଟର ଜମିରେ ମୁଗ ଓ ୧୨ ହଜାର ୩ଶହ ହେକ୍ଟର ଜମିରେ ବିରି, ବାଙ୍କୀ କୃଷି ଜିଲ୍ଲାର ୯୦୦ ହେକ୍ଟର ଜମିରେ ମୁଗ ଓ ୫ ହଜାର ୫୦୦ ହେକ୍ଟର ଜମିରେ ବିରି ଚାଷ କରାଯାଇଆସୁଛି। କ୍ୱିଣ୍ଟାଲ ପିଛା ପ୍ରାୟ ଏକ ହଜାରରୁ ଦୁଇ ହଜାର ଟଙ୍କା କମ ମୂଲ୍ୟରେ ଚାଷୀଙ୍କ ଠାରୁ ବ୍ୟବସାୟୀ ମୁଗ ଓ ବିରି କିଣି ଲାଭବାନ ହେଉଛନ୍ତି। ଗତ ବର୍ଷ ଅପେକ୍ଷା ଏଥର କମ ପରିମାଣର ମୁଗ ଓ ବିରି ଅମଳ ହେବ ବୋଲି କୁହାଯାଉଛି। ଫସଲ ଅମଳ ବେଳକୁ ଅଦିନିଆ ବର୍ଷା କାଳ ହୋଇଛି। ବିଗତ କିଛି ଦିନ ଧରି ବର୍ଷା ହେଉଥିବାରୁ ମୁଗ ଫସଲ ନଷ୍ଟ ହୋଇ ଚାଲିଥିବାର ଜଣାପଡ଼ିଛି।

## କାନପୁର ଯାତ୍ରା କମିଟି ପକ୍ଷରୁ ଦୈତାରୀ ପଣ୍ଡାଙ୍କୁ ସମ୍ବର୍ଦ୍ଧନା

**କଟକ, ୧୧।୪(ସମିସ):** କାନପୁର ଯାତ୍ରା କମିଟି ପକ୍ଷରୁ ଦୈତାରି ପଣ୍ଡାଙ୍କୁ ସମ୍ମାନିତ କରାଯାଇଛି। ୫୧ତମ ଦୋଳ ମହୋତ୍ସବ ଉପଲକ୍ଷେ କାନପୁର ଟାଙ୍ଗୀରେ ୩ ଦିନ ଧରି ଅପେରା ପରିବେଷଣ ହୋଇଥିଲା।। ଏଥିରେ ଭାରତ ମସଲା କମ୍ପାନୀର ପ୍ରତିଷ୍ଠାତା ସୁରେନ୍ଦ୍ର ନାଥ ପଣ୍ଡା ଅତିଥି ଭାବେ ଯୋଗଦେଇ, ଯାତ୍ରା ଜଗତର ଉଦୀୟମାନ କଳାକାର ଦୈତାରି ପଣ୍ଡାଙ୍କୁ ସମ୍ମାନିତ କରିଥିଲେ। ଏଥିରେ ଗରୁଡ଼ ଗାଁ ସରପଞ୍ଚ ଦିପ୍ତିମୟୀ ବେହେରା, ପୂର୍ବତନ ସରପଞ୍ଚ ସୁବୋଧ କୁମାର ସାମଲ, ଯାତ୍ରା କମିଟି ସଭାପତି ପ୍ରଫୁଲ୍ଲ କୁମାର ସାହୁ, ସମ୍ପାଦକ ଧନେଶ୍ୱର ନାୟକ, ଉପସଭାପତି ଗଙ୍ଗାଧର ଦାସ ଉପସ୍ଥିତ ଥିଲେ। ଏହି ଦୋଳ ଉତ୍ସବକୁ ରଙ୍ଗାଧର ବେହେରା, ନବକୃଷ୍ଣ ପ୍ରଧାନ ଏବଂ କାନପୁର ଯାତ୍ରା କମିଟିର ସମସ୍ତ ସଭ୍ୟ ବୃନ୍ଦ ସୁଚାରୁରୂପେ ପରିଚାଳନା କରିଥିଲେ। ପ୍ରବଳ ଜନସମାଗମ ସତ୍ତ୍ୱେ ଶାନ୍ତିଶୃଙ୍ଖଳାର ସହିତ କୋଣାର୍କ ଗଣନାଟ୍ୟ ଦ୍ୱାରା ଅପେରା ପରିବେଷଣ, ଦୋକାନ ବଜାର ଏବଂ ଦୋଳି ପଡ଼ିଥିଲା।

## ପ୍ରକାଶଙ୍କ ଜୋରଦାର ପ୍ରଚାର



କଟକ, ୧୧।୪(ସମିସ): ବିଜୁ ଜନତା ଦଳର ବିଧାୟକ ପ୍ରାର୍ଥୀ ପ୍ରକାଶ ବେହେରା ବାରବାଟୀ-କଟକ ନିର୍ବାଚନ ମଣ୍ଡଳୀରେ ଜୋରଦାର ପ୍ରଚାର ଜାରି ରଖିଛନ୍ତି। ଗୁରୁବାର ସେ କେଶରପୁର ସମେତ ବିଭିନ୍ନ ଅଞ୍ଚଳରେ ପ୍ରଚାର କରିଥିଲେ। ଏହି ପରିପ୍ରେକ୍ଷୀରେ ମହାନ୍ତି ଲେନ୍‌ସ୍ଥିତ ଯୁବବନ୍ଧୁ କ୍ଲବର ସଦସ୍ୟଙ୍କ ସହ ଆଲୋଚନା କରିଥିଲେ। କ୍ଲବର ସମ୍ପାଦକ ନଳିନୀକାନ୍ତ ମହାନ୍ତି, ରାଧାବିନୋଦ ପଟ୍ଟନାୟକ, ଗଗନ ଚନ୍ଦ୍ର ମେହେର, ଅକ୍ଷୟ ନାୟକ, ସଚ୍ଚିଦାନନ୍ଦ ରାଉତରାୟ, ରମାକାନ୍ତ ମହାନ୍ତି, ବୁବୁ ମହାନ୍ତି, ଚନ୍ଦ୍ର ଶେଖର ପରିଡ଼ା, ରଶ୍ମିରଞ୍ଜନ ମହାନ୍ତି, ନଗର ବିଜେଡି ସଭାପତି ମଧୁସୂଦନ ସାହୁ, କର୍ପୋରେଟର ସତ୍ୟରାମ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବିଜେଡି ଦ୍ୱାରା କରାଯାଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଉପରେ ଆଲୋଚନା ହୋଇଥିଲା।

## ସତ୍ୟସାଇ ପୁସ୍ତକ ଓ ପ୍ରକାଶନ ନ୍ୟାସର ଲେଖକ ସମ୍ମିଳନୀ



**କଟକ, ୧୧।୪(ସମିସ):** ଓଡ଼ିଶାର ଶ୍ରୀ ସତ୍ୟସାଇ ପୁସ୍ତକ ଓ ପ୍ରକାଶନ ନ୍ୟାସ ୧୭ତମ ପ୍ରତିଷ୍ଠା ଦିବସ ଏବଂ ଶ୍ରୀ ସତ୍ୟସାଇ ବାଳବିକାଶ ଲେଖକ ସମ୍ମିଳନୀ ପାଳିତ ହୋଇଯାଇଛି। ଶ୍ରୀ ସତ୍ୟସାଇ 'ବାଳବିକାଶ' ପତ୍ରିକା 'ସନାତନ ସାରଥି' ଅଧ୍ୟୟନରେ ପ୍ରତ୍ୟେକ ମନୁଷ୍ୟକୁ ଭଗବତ୍ ପ୍ରୀତି ଆଡ଼କୁ ଟାଣିନେଇଥାଏ। ଏହି ପୁସ୍ତକ ନ୍ୟାସର ୧୭ ତମ ପ୍ରତିଷ୍ଠା ଦିବସ ଉଦ୍‌ଘାଟନ କରିଥିଲେ ରାଜ୍ୟ ସଭାପତି ଡା. ସତ୍ୟସ୍ୱରୂପ ପଟ୍ଟନାୟକ, ପ୍ରଫେସର ହରିକୃଷ୍ଣ ଦାସ ଏବଂ ଇଂ ସଚ୍ଚିଦାନନ୍ଦ ନନ୍ଦ। ଏହି ଅବସରରେ ପୁସ୍ତକ ନ୍ୟାସର ନୂତନ ଲୋଗୋ ଉନ୍ମୋଚିତ ହୋଇଥିଲା। ଆବାହକ ବିଜୟ କୁମାର ପୃଷ୍ଟି ପ୍ରାରମ୍ଭିକ ସୂଚନା ସହ ସ୍ୱାଗତ ଭାଷଣ ଦେଇଥିଲେ। ଅନୁଷ୍ଠାନର ପୂର୍ବ ମଣ୍ଡଳ ସଭାପତି ନାରାୟଣ ପ୍ରସାଦ ସତ୍ୟସାଇ ସାହିତ୍ୟର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ପତ୍ରିକାର ସମ୍ପାଦକ ଡ. ସୁଧାଂଶୁ କୁମାର ନାୟକ ଏହି ପୁସ୍ତକ ନ୍ୟାସର ଏକ ସଂକ୍ଷିପ୍ତ ଇତିହାସ ପ୍ରଦାନ କରିଥିଲେ। ସଦସ୍ୟ ଇଂ ଅରୁଣ କୁମାର ପଣ୍ଡା, 'ସନାତନ ସାରଥି' ପତ୍ରିକାର ଉପାଦେୟତା ସମ୍ପର୍କରେ କହିଥିଲେ। କବି ପୀତାମ୍ବର ମିଶ୍ରଙ୍କ ତତ୍ତ୍ୱାବଧାନରେ ହରଷ ବିହାରୀ ଦାସ ଓ ସ୍ନିଗ୍ଧା ମହାନ୍ତିଙ୍କ ସଂଯୋଜନାରେ କବିତା ପାଠ ହୋଇଥିଲା। ଅଶୋକ ଜେନା ଏବଂ ପ୍ରଭା ରାୟଙ୍କୁ ସମ୍ମାନିତ କରାଯାଇଥିଲା। ସଦସ୍ୟ ବିଜୟ କୁମାର ମଲ୍ଲିକ ଶେଷରେ କୃତଜ୍ଞତା ଅର୍ପଣ କରିଥିଲେ।

## ୨ କିଲୋ ଗଞ୍ଜେଇ ଜବତ: ଜଣେ ଗିରଫ



କଟକ, ୧୧।୪(ସମିସ): ଗଞ୍ଜେଇ ଚାଲାଣ କରୁଥିବା ବେଳେ ଜଣେ ନିଶା ଚାଲାଣକାରୀକୁ ବାଦାମବାଡି ଥାନା ପୁଲିସ ଆଜି ଗିରଫ କରିଛି। ଅଭିଯୁକ୍ତ ଜଣକ ହେଉଛି ନରସିଂହପୁର ଥାନା ଅନ୍ତର୍ଗତ ଡମକଟା ଗାଁର ଅରୁଣ ପ୍ରଧାନ(୩୯)। ଗତ ବୁଧବାର ରାତି ପ୍ରାୟ ୧୦ଟା ସମୟରେ ଅରୁଣ ବାଦାମବାଡି ପୁରୁଣା ବସଷ୍ଟାଣ୍ଡ ସ୍ଥିତ ଆହାର କେନ୍ଦ୍ର ନିକଟରେ ଛିଡା ହୋଇଥିଲା। ସେ ଏକ ଜରି ବ୍ୟାଗ ଧରି ଏପଟସେପଟ ବୁଲୁଥିଲା। ତାର ଏଭଳି ସନ୍ଦିଗ୍ଧ ଗତିବିଧି ନେଇ ପୁଲିସକୁ ସୂଚନା ମିଳିଥିଲା। ଥାନା ଅଧିକାରୀ ଅଜୟ ରାଉଳଙ୍କ ନିର୍ଦ୍ଦେଶରେ ଏକ ଟିମ ତୁରନ୍ତ ସେଠାରେ ଚଢ଼ଉ କରିଥିଲେ। ତଲାସୀ ପରେ ଉକ୍ତ ଜରି ବ୍ୟାଗରୁ ୨କିଲୋ ୯ଶହ ଗ୍ରାମର ଗଞ୍ଜେଇ ମିଳିଥିଲା। ଥାନାକୁ ଆଣି ପଚରାଉଚରା କରିବାରୁ ଅଭିଯୁକ୍ତ ଅରୁଣ ନିକଟ ଅଞ୍ଚଳର ଜଣେ ବେପାରୀକୁ ଏହି ନିଶାଦ୍ରବ୍ୟ ଦେବା ପାଇଁ ଆସିଥିବା କହିଛି। ଏନେଇ ପୁଲିସ ଏକ ମାମଲା ରୁଜୁ କରି ଅରୁଣକୁ ଗିରଫ ପରେ ଆଜି ତାକୁ କୋର୍ଟ ଚାଲାଣ କରିଛି।

## ଡ୍ରିମ୍‌ସ ସ୍କୁଲ ଅଫ ନର୍ସିଂ ପକ୍ଷରୁ ନିରାପଦ ମାତୃତ୍ୱ ଦିବସ




**କଟକ, ୧୧।୪(ସମିସ):** ଡ୍ରିମ୍‌ସ ସ୍କୁଲ ଅଫ ନର୍ସିଂ ପକ୍ଷରୁ ଜାତୀୟ ନିରାପଦ ମାତୃତ୍ୱ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ନିରାପଦ ମାତୃତ୍ୱ ସଚେତନତା କାର୍ଯ୍ୟକ୍ରମକୁ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଆଭାସୀରେ ଉଦ୍‌ଘାଟନ କରି ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, ରେଜିଷ୍ଟ୍ରାର ଡ. ଭକ୍ତ ଚରଣ ପ୍ରଧାନ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶିକା ଚିନ୍ମୟୀ ରଥ ଏଭଳି କାର୍ଯ୍ୟକ୍ରମ ଆୟୋଜନ ଲାଗି ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀଙ୍କୁ ସାଧୁବାଦ ଦେଇଥିଲେ। ଗର୍ଭାବସ୍ଥା, ସନ୍ତାନ ପ୍ରସବ ଏବଂ ପରବର୍ତ୍ତୀ ସମୟରେ ମା' ଓ ଶିଶୁର ସ୍ୱାସ୍ଥ୍ୟର ଉପଯୁକ୍ତ ଯତ୍ନ ସହ ଡାକ୍ତରଙ୍କ ପରାମର୍ଶ ବିଷୟବସ୍ତୁ ଅଧାରିତ ନାଟକ ପରିବେଷଣ ହୋଇଥିଲା। ଏଥିରେ ଜିଏନ୍‌ଏମ ତୃତୀୟ ବର୍ଷ ଓ ଏଏନ୍‌ଏମ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଉପସ୍ଥିତ ଗର୍ଭବତୀ ମହିଳାଙ୍କୁ ଉପହାର ପ୍ରଦାନ କରାଯାଇଥିଲା। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ମକରାନନ୍ଦ ବେହୁରା, ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧୀକ୍ଷକ ଡା. ମଧୁସ୍ମିତା ନାୟକ, ଡା. ଜ୍ୟୋତି ପ୍ରକାଶ ସାହୁ ପ୍ରମୁଖ ଜନସଚେତନା କାର୍ଯ୍ୟକ୍ରମର ଉଚ୍ଚ ପ୍ରଶଂସା କରିଥିଲେ। ନିର୍ଦ୍ଦେଶକ ଲୋକନାଥ ବେହେରା, ଅଧକ୍ଷ ଡ. ଗୋପୀ ଡି.ଙ୍କ ମାର୍ଗଦର୍ଶନରେ ଏବଂ ଉପାଧକ୍ଷ ଏନ୍ ପ୍ରେମଲତା ଦେବୀଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମକୁ ସହକାରୀ ପ୍ରାଧାପିକା ଉର୍ମିଳା ସ୍ୱାଇଁ, ମଧୁସ୍ମିତା ନାୟକ, ଗୀତାମୟୀ ସାମଲ ପ୍ରମୁଖ ପରିଚାଳନା କରିଥିଲେ।

## ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ



କଟକ, ୧୧।୪(ସମିସ): ରେଭେନ୍ସା କଲିଜିଏଟ ସ୍କୁଲର ଅବସରପ୍ରାପ୍ତ ଶିକ୍ଷକ ରସାନନ୍ଦ ରାଉତରାୟଙ୍କର ମର୍କତନଗରସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୫ବର୍ଷ ବୟସ ହୋଇଥିଲା। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ପତ୍ନୀ, ପୁଅ, ତିନି ଝିଅ ଓ ଜ୍ୱାଇଁଙ୍କ ସମେତ ବହୁ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ସତୀଚଉରା ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ପୁତ୍ର ହିମାଂଶୁ ମୁଖାଗ୍ନି ଦେଇଥିଲେ। ପୁରାତନ ଛାତ୍ର ସଂସଦ ପକ୍ଷରୁ ତାଙ୍କୁ କୃତୀ ଶିକ୍ଷକ ସମ୍ମାନ ପ୍ରଦାନ କରାଯାଇଥିଲା। ତାଙ୍କ ବିୟୋଗରେ ସ୍କୁଲ ଓ ପୁରାତନ ଛାତ୍ର ସଂସଦ ପକ୍ଷରୁ ଶୋକ ପ୍ରକାଶ କରାଯାଇଛି।

## ବ୍ରାଉନ୍‌ସୁଗର୍ ସମେତ ବାଇକ୍, ମୋବାଇଲ ଜବତ, ବେପାରୀ ଗିରଫ

**ବାଲିଅନ୍ତା, ୧୧।୪(ସମିସ):** ବ୍ରାଉନ୍‌ସୁଗର୍ କାରବାର ମାମଲାରେ ବାଲିଅନ୍ତା ଥାନା ପୁଲିସ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲା ଖୋର୍ଦ୍ଧା ଟାଉନ୍ ଥାନା ଦୁର୍ଗାମାଧବ ମଣ୍ଡପ ନିକଟ ଓଲ୍ଡ ଫାୟାର ଷ୍ଟେସନ ଛକ ଅଞ୍ଚଳରେ ରହୁଥିବା ବିଜୟ କୁମାର ମହାପାତ୍ର (୨୮)। ବାଲିଅନ୍ତା ଥାନା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ସମ୍ପୃକ୍ତ ଥାନାର ଏକ ପାଟ୍ରୋଲିଂ ଟିମ୍ ବାଲିଅନ୍ତା ରଙ୍ଗବଜାର ବ୍ରିଜ୍ ବୁଲାଣି ନିକଟରେ ଚଢ଼ଉ କରି ବ୍ରାଉନ୍‌ସୁଗର୍ ବିଜୟକୁ କାବୁ କରିବାରେ ସକ୍ଷମ ହୋଇଥିଲେ। ଛାନ୍‌ଭିନ୍ ସମୟରେ ପୁଲିସ ତା' ନିକଟରୁ ୩୦ ଗ୍ରାମ୍ ବ୍ରାଉନ୍‌ସୁଗର୍ ଜବତ କରିଥିଲେ। ପଚରାଉଚରା ସମୟରେ ଅଭିଯୁକ୍ତ ଜଣକ ବ୍ରାଉନ୍‌ସୁଗର୍ ବ୍ୟବସାୟ କରୁଥିବା ସ୍ୱୀକାର କରିଥିଲା। ପୁଲିସ ବିଜୟଠାରୁ ବ୍ରାଉନ୍‌ସୁଗର୍ ସହିତ ଗୋଟିଏ ମୋବାଇଲ ଫୋନ୍ ଏବଂ ପରିବହନରେ ବ୍ୟବହୃତ ମଟରସାଇକଲ ଜବତକରି ଅଧିକ ତଦନ୍ତ ପାଇଁ ତାକୁ ଥାନାକୁ ଆଣିଥିଲେ। ଏ ନେଇ ବାଲିଅନ୍ତା ଥାନା ପୁଲିସ ଏକ ମାମଲା ରୁଜୁ କରିବା ସହିତ ତାକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅନ୍ୟପକ୍ଷରେ ନିଶା କାରବାର ଜନିତ ସୂଚନା ପ୍ରଦାନ କରିବା ନିମନ୍ତେ ଭୁବନେଶ୍ୱର ସହରାଞ୍ଚଳ ପୁଲିସ ପକ୍ଷରୁ ଏକ ହ୍ୱାଟ୍‌ସ୍ ଆପ୍ ନମ୍ବର- ୭୦୭୭୭୯୮୧୧୧ ଜାରି କରାଯାଇଛି।

ବଡ଼ ମେଡିକାଲରେ ହେବ ହୃତ୍‌ପିଣ୍ଡ ପ୍ରତିରୋପଣ

# ଅନୁମତି ମିଳିଛି; କାର୍ଯ୍ୟକାରୀକୁ ଅପେକ୍ଷା

କଟକ, ୧୧।୪(ସମିସ)

ଏସ୍‌ସିବି ମେଡିକାଲରେ ହୃତପିଣ୍ଡ ପ୍ରତିରୋପଣ ହୋଇପାରିବ। ମେଡ଼ିକାଲର କାର୍ଡ଼ିଓ ଥୋରାସିସ୍ ଆଣ୍ଡ ଭସ୍କୁଲାର ସର୍ଜରୀ(ସିଟିଭିଏସ୍) ବିଭାଗରେ ଏଥି ନିମନ୍ତେ ପର୍ଯ୍ୟାପ୍ତ ଭିତ୍ତିଭୂମି ରହିଛି। ଏସ୍‌ସିବିରେ ହୃତପିଣ୍ଡ ପ୍ରତିରୋପଣ ଆରମ୍ଭ ପାଇଁ ଡିଏମଇଟିଙ୍କ (ଡିରେକ୍ଟୋରେଟ୍ ଅଫ ମେଡ଼ିକାଲ ଏଜୁକେସନ ଆଣ୍ଡ ଟ୍ରେନିଂ) ପକ୍ଷରୁ ଅନୁମତି ମଧ୍ୟ ମିଳିସାରିଛି। ଇତି ମଧ୍ୟରେ ବଡ ମେଡିକାଲର ଡାକ୍ତରୀ ଦଳ ଦୁଇଟି ପର୍ଯ୍ୟାୟରେ ରାଜ୍ୟ ବାହାରକୁ ଯାଇ ପ୍ରଶିକ୍ଷଣ ନେଇ ଫେରି ସାରିଲେଣି। ଏଣୁ ଏସସିବିରେ ହୃତପିଣ୍ଡ ପ୍ରତିରୋପଣ ଖୁବଶୀଘ୍ର ହୋଇପାରେ ବୋଲି କୁହାଯାଉଛି। କିନ୍ତୁ ଏହା କେବେ ସଫଳ ରୂପ ନେବ କେବଳ ତାହାକୁ ଅପେକ୍ଷା କରାଯାଇଛି।

କେବଳ ଉନ୍ନତ ଭିତ୍ତିଭୂମି ନୁହେଁ, ଉନ୍ନତ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା କ୍ଷେତ୍ରରେ ମଧ୍ୟ ଏସ୍‌ସିବି ମେଡ଼ିକାଲ ବିଶ୍ୱସ୍ତରୀୟ ହେବାକୁ ଯାଉଛି। ରାଜ୍ୟର ଏହି ସର୍ବବୃହତ୍ତ ହସ୍ପିଟାଲକୁ ଏମ୍ସ ପ୍ଲସ ଭାବେ ଗଢ଼ି ତୋଳିବାକୁ ରାଜ୍ୟ ସରକାର କୋଟିକୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଭାରତର ପ୍ରଥମ ସରକାରୀ ହସ୍ପିଟାଲ ଭାବେ ଏଠାରେ ଏକମୋ ୟୁନିଟ କାର୍ଯ୍ୟ କରୁଛି। ସିଟିଭିଏସ୍ ବିଭାଗ ଅଧିନରେ ଥିବା ଏହି ୟୁନିଟରେ ୯ଟି ଏକମୋ ମେସିନ ସଂସ୍ଥାପିତ ହୋଇଛି। ଏହାଛଡ଼ା ସିଟିଭିଏସ୍ ବିଭାଗର ଡାକ୍ତରମାନଙ୍କ ଦ୍ୱାରା ଗତ ଗୋଟିଏ ବର୍ଷ ଭିତରେ ୨୦୦ରୁ ଅଧିକ ହୃଦରୋଗୀଙ୍କର ଓପନ୍ ହାର୍ଟ ସର୍ଜରୀ କରାଯାଉଛି। ଏସ୍‌ସିବି ମେଡ଼ିକାଲରେ ହୃତପିଣ୍ଡ ପ୍ରତିରୋପଣ ୟୁନିଟ ଖୋଲିବାକୁ ଦୀର୍ଘଦିନ ଧରି ପ୍ରଚେଷ୍ଟା କରାଯାଉଥିବା ବେଳେ ଶେଷରେ ଏହା କାର୍ଯ୍ୟକାରୀ ହେବାକୁ ଯାଉଛି। ଡିଏମଇଟିଙ୍କ ପକ୍ଷରୁ ଏସସିବି ମେଡ଼ିକାଲର ଡିନ ତଥା ଅଧ୍ୟକ୍ଷ ପ୍ରଫେସର ଡ. ପ୍ରସେନ୍ନଜିତ ମହାନ୍ତିଙ୍କୁ ଏ ସଂକ୍ରାନ୍ତରେ ପୂର୍ବରୁ ଏକ ଚିଠି (ନଂ-୬୦୮୨) ଲେଖିଥିଲେ। ଏସ୍‌ସିବିରେ ହୃତପିଣ୍ଡ ପ୍ରତିରୋପଣ ହୋଇ ପାରିବ ବୋଲି ସବୁଜ ସଙ୍କେତ ଦେଇଥିଲେ। ଏହାପୂର୍ବରୁ ଡିଏମଇଟିର ଏକ ଟିମ୍ ଏସସିବି ମେଡ଼ିକାଲର କାର୍ଡ଼ିଓ ଥୋରାସିସ୍ ଆଣ୍ଡ ଭସ୍କୁଲାର ସର୍ଜରୀ(ସିଟିଭିଏସ୍) ବିଭାଗକୁ ଆସି ଭିତ୍ତିଭୂମି ଯାଞ୍ଚ କରି ଫେରିଥିଲା। ଯାଞ୍ଚ ପରେ ହୃତପିଣ୍ଡ ପ୍ରତିରୋପଣ ୟୁନିଟ ଖୋଲିବା ପାଇଁ ବାଟ ସମସ୍ତ ପଥ ଉନ୍ମୁକ୍ତ ହୋଇଥିଲା। ଜନୈକ ବରିଷ୍ଠ ଡାକ୍ତରଙ୍କ କହିବା ଅନୁସାରେ, ଓପନ ହାର୍ଟ ସର୍ଜରୀ ଓ କରୋନାରୀ ଆର୍ଟେରୀ ବାଇପାସ୍ ସର୍ଜରୀ(ସିଏବିଜି) ଯେଉଁଠାରେ କରାଯାଉଥିବ ସେଠାରେ ହାର୍ଟ ଟ୍ରାନ୍ସପ୍ଲାଣ୍ଟ ୟୁନିଟ କାର୍ଯ୍ୟ କରିବା ସମ୍ଭବପର। ଏହି ଦୃଷ୍ଟିରୁ ଏସ୍‌ସିବି ମେଡ଼ିକାଲରେ ଉକ୍ତ ୟୁନିଟ ଖୋଲିବା ପାଇଁ ସମସ୍ତ ବ୍ୟବସ୍ଥା ରହିଛି। ରାଜ୍ୟରେ ଏହି ସ୍ୱାସ୍ଥ୍ୟ ସେବାର ସୁବିଧା ନଥିଲା। ହୃତପିଣ୍ଡ ପ୍ରତିରୋପଣ ପାଇଁ ଅତି କମ୍‌ରେ ୩୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥାଏ। ୟୁନିଟ୍‌ଟି କାର୍ଯ୍ୟକ୍ଷମ ହେଲେ ଅନେକ ରୋଗୀ ଏହାର ସୁଫଳ ପାଇପାରିବେ ବୋଲି ସେ କହିଛନ୍ତି।



କିଛି ଦିନ ପୂର୍ବେ ବଡ ମେଡିକାଲରେ ପ୍ରଥମଥର ନିମନ୍ତେ ଯକୃତ ପ୍ରତିରୋପଣ ହୋଇଥିଲା। ଏହା ସଫଳ ହୋଇଛି। ଏପରିକି ଉଭୟ ଯକୃତ ଦାତା ଏବଂ ଗ୍ରହୀତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟୁଛି। ସଂକ୍ରମଣ ଭୟ ଥିବା ଯୋଗୁଁ ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥା ପ୍ରତି ବିଶେଷ ଗୁରୁତ୍ୱ ଦେଉଛନ୍ତି ମେଡିକାଲ କର୍ତ୍ତୃପକ୍ଷ। ଏହାଛଡ଼ା ଏସ୍‌ସିବିରେ ବୃକ୍କ ପ୍ରତିରୋପଣ ସଫଳତାର ସହ ଜାରି ରହିଛି। ଏହି କ୍ରମରେ ଖୁବଶୀଘ୍ର ଏଠାରେ ହୃତପିଣ୍ଡ ପ୍ରତିରୋପଣ ମଧ୍ୟ କରାଯିବ।



## ରୟାଲ୍‌ଟି ସଙ୍ଗଠନର ସେବାକାର୍ଯ୍ୟ




**କଟକ,୧୧।୪(ସମିସ):** ପବିତ୍ର ଇଦ୍ ପର୍ବ ଅବସରରେ ରୟାଲ୍ଟି ସୋସିଆଲ ସର୍ଭିସ୍ ସଂଗଠନ ପକ୍ଷରୁ ସେବା କାର୍ଯ୍ୟ କରାଯାଇଛି। ଦରଘାବଜାର ସ୍ଥିତ ଛୋଟି ମସଜିଦ୍ ଠାରେ ନମାଜ ପାଠ ପରେ ମୁସଲିମ ସମ୍ପ୍ରଦାୟର ଲୋକମାନଙ୍କୁ ସର୍ବତ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସଂଗଠନ ଉପଦେଷ୍ଟା ତପନ ସାହୁ, ପ୍ରଭାତ କୁମାର ସାହୁ, ପ୍ରଶାନ୍ତ ସାହୁ, ସଭାପତି ସୌମ୍ୟ ରଞ୍ଜନ ସାହୁ, ସମ୍ପାଦକ ଅବଦୁଲ ସଦାଫ୍, ସହ ସମ୍ପାଦକ ସଂକେତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ସୁନା ଦୋକାନରୁ ଚୋରି

**କଟକ,୧୧।୪(ସମିସ):** ଲାଲବାଗ ଥାନା ଅଞ୍ଚଳରେ ଏକ ସୁନା ମରାମତି ଦୋକାନରୁ ଅଳଙ୍କାର ଚୋରି ହୋଇଛି। ଏନେଇ ଥାନାରେ ଅଭିଯୋଗ ହୋଇଛି। ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ମାନସିଂହପାଟଣାର ଗୌରାଙ୍ଗଚରଣ ସାହୁଙ୍କର ନିମଚଉଡି ଠାରେ ଏକ ସୁନା ଅଳଙ୍କାର ମରାମତି ଦୋକାନ ରହିଛି। ପୂର୍ବଭଳି ବୁଧବାର ରାତିରେ ସେ ଦୋକାନ ବନ୍ଦ କରି ଘରକୁ ଫେରିଥିଲେ। ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଦୋକାନର ତାଲା ଭାଙ୍ଗି ସୁନା ଅଳଙ୍କାର ଚୋରାଇ ନେଇଥିଲା। ଗୁରୁବାର ଦୋକାନ ଖୋଲିବାକୁ ଆସି ଚୋରି ବିଷୟ ଜାଣିବା ପରେ ଶ୍ରୀ ସାହୁ ସଂଗେ ସଂଗେ ପୁଲିସକୁ ସୂଚନା ଦେଇଥିଲେ। ପୁଲିସ ଆସି ଛାନଭିନ କରିଛି। ଏକାଧିକ ବ୍ୟକ୍ତି ସେମାନଙ୍କର ସୁନା ଅଳଙ୍କାର ମରାମତି ପାଇଁ ଦେଇଥିଲେ। ପାଖାପାଖି ୩୦ଗ୍ରାମ ଓଜର ସୁନା ଅଳଙ୍କାର ଚୋରି ଯାଇଥିବା ନେଇ ଶ୍ରୀ ସାହୁ ଦେଇଥିବା ଏତଲାରେ ଦର୍ଶାଇଛନ୍ତି। ପୁଲିସ ଆଖପାଖରେ ଲାଗିଥିବା ସିସିଟିଭି ଫୁଟେଜ ଆଣି ଯାଞ୍ଚ କରୁଛି। ଏକ ଫୁଟେଜରେ ୨ ଜଣ ଦୋକାନରୁ ଚୋରି କରିଥିବା ଜଣାପଡିଛି। ମାତ୍ର ଫୁଟେଜରେ ଚିତ୍ର ଅସ୍ପଷ୍ଟ ଥିବାରୁ ସେମାନଙ୍କୁ ଚିହ୍ନଟ କରାଯାଇନଥିବା ପୁଲିସ କହିଛି।

## ଦୋକାନ ତାଡ଼ି ୨ ଚୋର ଗିରଫ

**କଟକ,୧୧।୪(ସମିସ):** ଏକ ଗାଡି ଯନ୍ତ୍ରାଂଶ ଦୋକାନ ତାଡି ଚୋରି କରିବା ଅଭିଯୋଗରେ ମାଲଗୋଦାମ ଥାନା ପୁଲିସ ଦୁଇ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ସ୍ଥାନୀୟ ପିଲିଗ୍ରୀମ ରୋଡ ସୂର୍ଯ୍ୟନଗର ବସ୍ତିର ବିକି ଜେନା ଓ ସୁବାସ ଜେନା। ଅଭିଯୁକ୍ତଙ୍କ ଠାରୁ କିଛି ଯନ୍ତ୍ରାଂଶ ଓ ୨୪ଶହ ଟଙ୍କା ଜବତ ହୋଇଛି।

ପୁଲିସ ସୂତ୍ରରୁ ପ୍ରକାଶ ଯେ, ପିଲିଗ୍ରୀମ ରୋଡରେ ଦୀନେଶ କୁମାର ରାଉତଙ୍କର ଏକ ଗାଡି ଯନ୍ତ୍ରାଂଶ ଦୋକାନ ରହିଛି। ସେଥିରେ ନୂଆ ଓ ପୁରୁଣା ଯନ୍ତ୍ରାଂଶ ବିକ୍ରି ହୋଇଥାଏ। ପୂର୍ବଭଳି ଗତ ସୋମବାର ରାତିରେ ଶ୍ରୀ ରାଉତ ଦୋକାନ ବନ୍ଦ କରି ଯାଇଥିଲେ। ପରଦିନ ସକାଳେ ଆସି ଦୋକାନ ଖୋଲି ଦେଖିଲା ବେଳକୁ ଦୋକାନର ପଛପଟ ତଡା ହୋଇଛ। ଦୋକାନରୁ କିଛି ଯନ୍ତ୍ରାଂଶ ଚୋରି ହୋଇଥିବା ବେଳେ କ୍ୟାସ ବାକ୍ସରେ ଥିବା ସମସ୍ତ ଟଙ୍କା କେହି ଚୋରି କରି ନେଇଛି। ଏନେଇ ସେ ଏତଲା ଦେବା ପରେ ପୁଲିସ ପାଖ ଅଞ୍ଚଳର କିଛି ସିସିଟିଭି ଯାଞ୍ଚ କରି ଅଭିଯୁକ୍ତଙ୍କୁ ଚିହ୍ନଟ ପରେ ଗିରଫ କରିଛି। ଅଭିଯୁକ୍ତଙ୍କ ଠାରୁ କିଛି ଚୋରି ଜିନିଷ ଓ ଟଙ୍କା ଜବତ ହୋଇଛି। ଆଜି ୨ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ଜୁଆ ଆଡ୍ଡାରେ ଚଢ଼ଉ: ୫ ଗିରଫ

**କଟକ,୧୧।୪(ସମିସ):** ମଙ୍ଗଳାବାଗ ଥାନା ପୁଲିସ ଏକ ଜୁଆଆଡ୍ଡା ଉପରେ ଚଢଉ କରି ୫ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ଠାରୁ ୫ ହଜାର ୨ଶହ ଟଙ୍କା ଓ ତାସ ମୁଠା ଜବତ ହୋଇଛି। ରାଣୀହାଟ ତେଲିସାହିରେ କିଛି ଦିନ ହେବ ସନ୍ଧ୍ୟା ପରେ ଜୁଆ ଆଡ୍ଡା ଚାଲୁଥିଲା। ଜଣେ ପୁରୁଣା ଜୁଆଡି ଉକ୍ତ ଆଡ୍ଡା ଚଲାଉଥିଲେ। ଏନେଇ ସୂଚନା ପାଇ ଗତକାଲି ବିଳମ୍ବିତ ରାତିରେ ପୁଲିସ ସେଠାରେ ଚଢଉ କରିଥିଲା । ପୁଲିସକୁ ଦେଖି ଦୁଇ ଜଣ ଖସି ଯାଇଥିଲା ବେଳେ ଅନ୍ୟ ୫ ଜଣ ଧରାପଡିଯାଇଥିଲେ। ୫ଅଭିଯୁକ୍ତ ସ୍ଥାନୀୟ ଅଞ୍ଚଳର ବୋଲି ଜଣାପଡ଼ିଛି।

### ଥାନାୱାରୀ ଆଇଆଇସିଙ୍କ ସହ ଆଲୋଚନା କଲେ ଡିସିପି

# ସିସିଟିଭିରେ ରେକର୍ଡିଂ ରଖିବାକୁ ତାଗିଦ୍

**କଟକ,୧୧।୪(ସମିସ)**

କମିଶନରେଟ୍ ପୁଲିସ ବ୍ୟବସ୍ଥାରେ ପ୍ରତ୍ୟେକ ଥାନାରେ ସିସିଟିଭି ଲଗାଯିବା ବାଧ୍ୟତାମୂଳକ କରାଯାଇଛି। ଚଳିତ ସାଧାରଣ ନିର୍ବାଚନ ପାଇଁ କଟକ ୟୁପିଡିର ସମସ୍ତ ଥାନା ଯାଞ୍ଚ କରିଛନ୍ତି ନୂତନ ଡିସିପି ପ୍ରକାଶ.ଆର୍। ବିଶେଷ କରି ଥାନା ଗୁଡ଼ିକରେ ଲଗାଯାଇଥିବା ସିସି କ୍ୟାମେରାର ଭିଡିଓ ସହିତ ଅଡିଓ ରେକର୍ଡିଂ ରଖିବାକୁ ସମସ୍ତ ଥାନା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଡିସିପି ପ୍ରକାଶ. ଆର୍ ତାଗିଦ୍ କରି କହିଛନ୍ତି, ଯେଉଁଥାନାର ଭିଡିଓ ସହିତ ଅଡିଓ ରେକର୍ଡିଂ ହେଉନଥିବ, ସମ୍ପୃକ୍ତ ଥାନା ଅଧିକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ନିର୍ବାଚନ ପାଖେଇ ଆସୁଥିବାରୁ ଥାନା ଗୁଡ଼ିକର ଆଭ୍ୟନ୍ତରୀଣ ସୁରକ୍ଷା କଡାକଡି କରାଯାଉଛି। ଏବେ ବିଭିନ୍ନ ରାଜନୈତିକ ଦଳର ବ୍ୟକ୍ତି ବିଶେଷ ତଥା କର୍ମୀମାନେ ଅଭିଯୋଗ ନିମନ୍ତେ ଥାନାରେ ଭିଡ଼ ଜମାଇବେ। ଏମାନଙ୍କ ଉପରେ ତୀକ୍ଷ୍ଣ ନଜର ରଖାଯିବା ସହିତ ଏମାନଙ୍କ ବାର୍ତ୍ତାଳାପ କେରର୍ଡିଂ ରହିବା ଜରୁରି ବୋଲି ଡିସିପି କହିଛନ୍ତି।



ପୂର୍ବରୁ ଉଭୟ ଅଡିଓ ଏବଂ ଭିଡିଓ ଗୁଡ଼ିକର ବ୍ୟାକ୍ଅପ୍ ୧୮ ମାସ ପର୍ଯ୍ୟନ୍ତ ହାର୍ଡ ଡ୍ରାଇଭ୍‌ରେ ରଖାଯିବାକୁ ନିର୍ଦ୍ଦେଶ ରହିଛି। ଥାନାର ମୁଖ୍ୟ ପ୍ରବେଶ ଦ୍ୱାର, ବୈଠକ ଘର, ଅଫିସ ଚାମ୍ବର, ପ୍ରସ୍ଥାନ ବାଟ ଏବଂ ଥାନା ଅଧିକାରୀଙ୍କ ଚାମ୍ବରରେ କ୍ୟାମେରା ଗୁଡ଼ିକ ଲଗାଯିବା ଜରୁରୀ। ତଦ୍‌ନୁଯାୟୀ କଟକ କମିଶନରେଟ୍ ପୁଲିସ ପକ୍ଷରୁ ସମସ୍ତ ଥାନାରେ ସିସିଟିଭି ଲଗାଯାଇଛି ସତ ହେଲେ କେତେକ ଥାନାରେ ଅଡିଓ ରେକର୍ଡିଂ ହେଉନଥିବା ଅଭିଯୋଗ ଉଠିଛି। ସିସିଟିଭି ମାଧ୍ୟମରେ କେବଳ ଭିଡିଓ ରେକର୍ଡିଂ ହେଉଥିବା ଜଣାପଡ଼ିଛି। ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ସିସିଟିଭି କ୍ୟାମେରାରେ ଉଭୟ ଭିଡିଓ ଓ ଅଡିଓ ରେକର୍ଡିଂ ସ୍ପଷ୍ଟ ଭାବେ ହେବାର ବ୍ୟବସ୍ଥା ରହିଛି। ୨୦୨୦ ଡିସେମ୍ବର ୨ ତାରିଖଠାରୁ ଏହି ନିୟମ କଡ଼ାକଡ଼ି ଭାବେ ଲାଗୁ କରାଯାଇଥିବା ବେଳେ ଏପର୍ଯ୍ୟନ୍ତ କଟକ କମିଶନରେଟ୍ ପୁଲିସରେ ଏହି ବ୍ୟବସ୍ଥା ସଠିକ୍ ଢଙ୍ଗରେ କାର୍ଯ୍ୟକାରୀ କରାଯାଇ ପାରି ନଥିଲା। ଏ ସଂକ୍ରାନ୍ତରେ କମିଶନରେଟ୍ ପୁଲିସର ଜଣେ ବରିଷ୍ଠ ଅଧିକାରୀଙ୍କୁ ପଚାରିବାରୁ ସେ କହିଛନ୍ତି, ସବୁ ଥାନାରେ ସିସିଟିଭି ବ୍ୟବସ୍ଥା କରାଯାଇଛି। ଯଦି ବ୍ୟାକ୍ଅପ୍(ସଂରକ୍ଷିତ) ବ୍ୟବସ୍ଥା କରାଯାଉ ନାହିଁ ବା ବ୍ୟାକ୍ଅପ୍ ରଖିବାରେ କୌଣସି ସମସ୍ୟା ସୃଷ୍ଟି ହେଉଛି, ତାହା ଉପରେ ଏକ ସର୍ଭେ ଖୁବଶୀଘ୍ର କରାଯିବ। ଅନ୍ୟପଟେ ଅଡିଓ ରେକର୍ଡିଂ ପାଇଁ କାହିଁକି ସମସ୍ୟା ଉପୁଜୁଛି ବୋଲି ପ୍ରଶ୍ନ କରିବାରୁ ସେ କହିଲେ ଯେ, ଉନ୍ନତମାନର କ୍ୟାମେରା ଲଗାଯିବାର ବ୍ୟବସ୍ଥା କରାଯାଉଛି। ଯେଉଁଥିରେ ଉଭୟ ଭିଡିଓ ଓ ଅଡିଓ ରେକର୍ଡିଂ ସଠିକ୍ ଢଙ୍ଗରେ କରାଯାଇ ପାରିବ। ସୂଚନାଯୋଗ୍ୟ, କଟକ ସହରର କେତେକ ଥାନାରେ ବିଦ୍ୟୁତ୍ ସରବରାହରେ ବ୍ୟାଘାତ ଯୋଗୁଁ ରେକର୍ଡିଂ ହେବାରେ ସମସ୍ୟା ସୃଷ୍ଟି ହେଉଛି। କରେଣ୍ଟ ଚାଲିଯିବା ପରେ ବ୍ୟାଟେରୀ ବ୍ୟାକ୍ଅପ୍ ରହୁନଥିବାରୁ କ୍ୟାମେରାରେ ରେକର୍ଡିଂ ବାଧାପ୍ରାପ୍ତ ହେଉଥିବା ଜଣାପଡ଼ିଛି। ହ୍ୟୁମାନ୍ ରାଇଟସ୍ ଆକ୍ଟ-୧୯୯୩, ଧାରା ୧୭/୧୮ ଅନୁସାରେ, ଥାନାର ପ୍ରତ୍ୟେକ କାର୍ଯ୍ୟକଳାପର ଭିଡିଓ ଓ ଅଡିଓ ରେକର୍ଡିଂ କରାଯିବା ବାଧ୍ୟତାମୂଳକ। ଏହା ଉଲ୍ଲଙ୍ଘନ ହେଉଥିବା ବେଳେ ଏହା ଉପରେ ଗୁରୁତ୍ୱ ଦିଆଯାଉନଥିବା ଅଭିଯୋଗ ଉଠିଥିଲା। ସାଧାରଣତଃ ଥାନାରେ ଥିବା ହାଜତ ଭିତର ଓ ବାହାରେ ସିସିଟିଭି କ୍ୟାମେରା ଖଞ୍ଜାଯିବାକୁ ନିର୍ଦ୍ଦେଶ ରହିଛି। କେତେକ ଥାନାରେ ହାଜତ ଭିତରେ ସିସିଟିଭି ଆଦୌ ଖଞ୍ଜା ଯାଇ ନାହିଁ। ଆସନ୍ତା ୧୦ଦିନ ମଧ୍ୟରେ ଏ ସମସ୍ତ ସମସ୍ୟାର ସମାଧାନ କରାଯିବ ବୋଲି ଜଣାପଡ଼ିଛି। ଅନ୍ୟପକ୍ଷରେ ଡିସିପି ପ୍ରକାଶ.ଆର୍‌ଙ୍କୁ ପଚାରିବାରୁ ସେ କହିଛନ୍ତି, ଥାନା ଗୁଡ଼ିକରେ ସିସିଟିଭି ମାଧ୍ୟମରେ ଅଡିଓ ରେକର୍ଡିଂ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ୨୪ଘଣ୍ଟିଆ ଉଭୟ ଭିଡିଓ ଓ ଅଡିଓ ରେକର୍ଡିଂ ନିରନ୍ତର ଭାବେ କରାଯିବାକୁ ବ୍ୟବସ୍ଥା ହେଉଛି ବୋଲି ଡିସିପି କହିଛନ୍ତି।

**ନିର୍ବାଚନ ପାଇଁ ଥାନାର ଆଭ୍ୟନ୍ତରୀଣ ସୁରକ୍ଷା କଡ଼ାକଡ଼ି**

## ଇଦ୍ ପର୍ବରେ ସାମିଲହେଲା ଜୟ ଜଗନ୍ନାଥ ସେବା ସମିତି ଟ୍ରଷ୍ଟ

**କଟକ,୧୧।୪(ସମିସ)**




ଇଦ ପର୍ବରେ ସାରା ବିଶ୍ୱକୁ ଭାଇଚାରାର ପରିଚୟ ଦେଲା ଓଡ଼ିଶାର ପ୍ରମୁଖ ସାମାଜିକ ସଂଗଠନ ଜୟ ଜଗନ୍ନାଥ ସେବା ସମିତି ଟ୍ରଷ୍ଟ। ଇଦ ପର୍ବ ଲାଗି ସମସ୍ତ ମସଜିଦରେ ନମାଜ ପାଠ କରାଯାଇଥାଏ, ଏହି ନମାଜ ପାଠ ଶେଷ ହେବା ପରେ ମୁସଲମାନ ସମ୍ପ୍ରଦାୟ ଲୋକେ ଘରେ ପରିବାର ସହିତ ସୁସ୍ୱାଦ୍ୟ ଖାଦ୍ୟ ରାନ୍ଧି ହସଖୁସିରେ ଦିନଟିକୁ ପାଳନ କରିଥାନ୍ତି। ତେଣୁ ଇଦ ପର୍ବ ଅବସରରେ ଜୟ ଜଗନ୍ନାଥ ସେବା ସମିତି ଏହି ଖୁସିର ପର୍ବରେ ସାମିଲ ହୋଇଥିଲା। ଟ୍ରଷ୍ଟର ସଦସ୍ୟମାନେ ସୁଜି ହାଲୁଆ, ସର୍ବତ ସହ ଛୋଟ ପିଲାଙ୍କୁ ନିଜ ହାତରେ ଚକୋଲେଟ ବାଣ୍ଟିଥିଲେ। ଜୟ ଜଗନ୍ନାଥ ସେବା ସମିତି ଟ୍ରଷ୍ଟ ପକ୍ଷରୁ କଟକର କଦମରସୁଲ, ଦର୍ଘାବଜାର, ପଲଟନ ମସଜିଦ, ବକ୍ସି ବଜାର, ସୁନ୍ନି ରିକ୍ୱା ଜାମା ମସଜିଦ, ଯୋବ୍ରା, ରଜା ମସଜିଦ୍, ମଙ୍ଗଳାବାଗରେ ଖାଦ୍ୟ ବଣ୍ଟନ କରି ଇଦ ପର୍ବକୁ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟ ଉପଦେଷ୍ଟା ମଣ୍ଡଳୀ ମଧ୍ୟରୁ କ୍ଷୀରୋଦ ସାହୁ, ହରିହର ସେନ, ମହମ୍ମଦ ଏଜାଜ୍ ପଟେଲ, ପ୍ରଦୀପ ସାହୁ, ସବିର ଭାନା, ରାକେଶ ସାହୁ, ପ୍ରକାଶ ଚନ୍ଦ୍ର ସାହୁ, ପ୍ରତାପ ମଲ୍ଲିକ, ମନୋଜ ଦାସ, କ୍ୟାଣ୍ଟେନମେଣ୍ଟ ଥାନା ଆଇଆଇସି ପ୍ରମୋଦ ପଟ୍ଟନାୟକ, ଦର୍ଘାବଜାର ଆଇଆଇସି ଚିନ୍ତେଶ୍ୱର୍ ମୁଣ୍ଡ, ମାଲଗୋଦାମ ଥାନା ଆଇଆଇସି ରଜନୀକାନ୍ତ ଦାସ ଭାବେ ଉପସ୍ଥିତ ଥିଲେ। ସମ୍ପାଦକ ଶଶାଙ୍କ ଶେଖର ଦାଶ କାର୍ଯ୍ୟକ୍ରମ ପରିଚାଳନା ସହ ଏମିତି ସବୁବେଳେ ସମାଜସେବା ସହ ସାମାଜିକ ବାର୍ତ୍ତା




## ୟୁଥ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ସର୍ବତ ବଣ୍ଟନ

**କଟକ,୧୧।୪(ସମିସ)**

ଭୀଷଣ ଗ୍ରୀଷ୍ମ ପ୍ରଭାବକୁ ଦୃଷ୍ଟିରେ ରଖି ୟୁଥ୍ ଚାରିଟେବୁଲ ଟ୍ରଷ୍ଟ କଟକ ତରଫରୁ ତିନିକୋଣିଆ ବଗିଚା ଅର୍ବାନ ବ୍ୟାଙ୍କ ନିକଟରେ ୧୫ଶହରୁ ଉର୍ଦ୍ଧ୍ୱ ଲୋକଙ୍କ ପାଇଁ ସର୍ବତ ବଣ୍ଟନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟର ସମସ୍ତ ସଦସ୍ୟଙ୍କ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

# ଧୁମ୍‌ଧାମ୍‌ରେ କଟକ ପାଳିଲା ଇଦ୍

**କଟକ,୧୧।୪(ସମିସ)**



ଭାଇଚାରାର ସହର କଟକରେ ଧୁମଧାମ୍‌ରେ ପାଳିତ ହୋଇଛି ଇଦ୍-ଉଲ୍-ଫିତର୍ ତଥା ଇଦ୍ ପର୍ବ। ଆକାଶରେ ଚାନ୍ଦ ଦେଖି ରୋଜା ଭାଙ୍ଗିଛନ୍ତି ମୁସଲମାନ ଭାଇ-ଭଉଣୀ। ସାରା ସହର ହୋଇଛି ଉତ୍ସବମୁଖର। ଆଲୋକମାଳାରେ ଝଲସୁଛି ମସଜିଦ୍, ରାସ୍ତା ଘାଟ। ସହରରେ ଥିବା ସମସ୍ତ ଛୋଟ ବଡ ୩୦ରୁ ଉଦ୍ଧ୍ୱର୍ ମସଜିଦ୍‌ରେ ଇଦ୍ ଉପଲକ୍ଷେ ନମାଜ ପାଠ ପାଇଁ ଆଜି ହୋଇଥିଲା ସ୍ୱତନ୍ତ୍ର ବ୍ୟବସ୍ଥା। ବିଶେଷଃ କରି କଦମ୍-ଇ-ରସୁଲ,





ଇଦ୍‌ଗା, ଛୋଟି ମସଜିଦ୍ ଓ ପଲ୍‌ଟନ୍ ମସଜିଦ୍‌ରେ କରାଯାଇଥିଲା ସମୂହ ନମାଜ ପାଠ। ମୁସଲମାନ୍ ସମ୍ପ୍ରଦାୟର ବ୍ୟକ୍ତିମାନେ ଏହି ମସଜିଦକୁ ଯାଇ ନମାଜ ପାଠ କରିବା ସହିତ ନିଜ ନିଜ ଭିତରେ ପରସ୍ପରକୁ ଆଲିଙ୍ଗନ କରି ଇଦ୍ ଶୁଭେଚ୍ଛା ଜଣାଇଛନ୍ତି। ଅଞ୍ଜୁମାନ ଇସଲାମିଆ ଆହେଲ୍ ସୁନତ ଓ ଜମାତ ଚାନ୍ଦ କମିଟିର ନିଷ୍ପତ୍ତି କ୍ରମେ ଗୁରୁବାର ଇଦ୍ ପର୍ବ ପାଳନ କରାଯାଇଥିଲା। ତେବେ ଇଦ୍ ପର୍ବରେ ସାମିଲ ହୋଇଥିଲେ ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ, ବିଜୁ ଜନତା ଦଳର ଲୋକସଭା ସାଂସଦ ପ୍ରାର୍ଥୀ ସଂତୃପ୍ତ ମିଶ୍ର, ବାରବାଟୀ-କଟକର ବିଧାୟକ ପ୍ରାର୍ଥୀ ପ୍ରକାଶ ବେହେରା, କଟକ-ବାରବାଟୀ ବିଧାୟକ ଇଂ. ମହମ୍ମଦ ମୋକିମ, ମେୟର ସୁବାସ ସିଂହ ଏବଂ ନିରାମୟ ଉପଦେଷ୍ଟା ଡ. ରଞ୍ଜନ ବିଶ୍ୱାଳ ପ୍ରମୁଖ। ବିଜେଡିର ଏହି ବରିଷ୍ଠ ନେତୃବୃନ୍ଦ ମସଜିଦକୁ ଯାଇ ମୁସଲମାନ ଭାଇମାନଙ୍କୁ ଭେଟି ଇଦ୍‌ର ଶୁଭେଚ୍ଛା ଜଣାଇଥିଲେ।

ଅନ୍ୟପକ୍ଷରେ ବିଭିନ୍ନ ମସ୍‌ଜିଦ କମିଟି, ମୋହଲ୍ଲା କମିଟି ଓ ବିଭିନ୍ନ ଯୁବ କମିଟି ପକ୍ଷରୁ ସାରା ସହରରେ ଶାନ୍ତି, ସଦ୍‌ଭାବନା, ଭାଇଚାରା ବଜାୟ ରଖାଯାଇଥିଲା। ଆଜି ୨ଟି ପର୍ଯ୍ୟାୟରେ ସମୁହ ନମାଜ ପାଠ କରାଯାଇଥିଲା। କଟକ କମିଶନରେଟ ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଥିଲା। ସହରରେ ମୋଟ ୮ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲେ। ଏହାସହ ୧୨୩ କନେଷ୍ଟବଳ, ୪ ଜଣ ହାବିଲଦାର, ୫୦ ଜଣ ଏସଆଇ/ଏଏସଆଇ, ୨୩ ଏସଆଇ, ୯ ଜଣ ଏସିପିଙ୍କ ସହିତ ୪ ଜଣ ଏଡିସିପି ସୁରକ୍ଷା ବ୍ୟବସ୍ଥାରେ ନିୟୋଜିତ ରହିଥିଲେ।

ଏହା ବାଦ ସହରର ୪ ପ୍ରମୁଖ ମସଜିଦରେ ଅଧିକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ସେଠାରେ ୧୪ ଜଣ ଏସଆଇ, ୨ ଜଣ ହାବିଲଦାର, ୩୨ କନେଷ୍ଟବଳ, ୫ ସେକ୍ସନ ଫୋର୍ସ ମୁତୟନ କରାଯିବ। ସେହିପରି ପାଟ୍ରୋଲିଂ ପାଇଁ ଆର୍ମଡ ଫୋର୍ସରେ ୨୬ ଜଣ ଏସଆଇ, ୨ ଜଣ ହାବିଲଦାର, ୭୫ କନେଷ୍ଟବଳ, ୫ ସେକ୍ସନ ଫୋର୍ସ ରହିଥିଲେ। ଏଥିରେ ୭ ଜଣ ମହିଳା କନେଷ୍ଟବଳ ମଧ୍ୟ ସାମିଲ ଥିଲେ। ଅନ୍ୟପକ୍ଷେ, ବିଭିନ୍ନ ମସଜିଦରେ ନମାଜ ପାଠ ସମୟରେ ଗହଳିକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ଟ୍ରାଫିକ ବ୍ୟବସ୍ଥା ହୋଇଥିଲା।



ସକାଳ THE SAKALA



# ଘଣ୍ଟାଏ ବର୍ଷା; ତିଗିରିଆ ଡାକ୍ତରଖାନା ବେହାଲ୍

ତିଗିରିଆ,୧୧।୪(ସମିସ)



ଗୁରୁବାର ଭୋର୍‌ରୁ ତିଗିରିଆ ବ୍ଲକରେ ସଂଗଠିତ ସାମାନ୍ୟ ଧରଣର ବର୍ଷାର ତିଗିରିଆ ନିଜିଗଡସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ହାଲ ବେହାଲ ହୋଇପଡ଼ିଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଇତିମଧ୍ୟରେ କୋଟି କୋଟି ଟଙ୍କାର ବ୍ୟୟବରାଦରେ ତିଗିରିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଉନ୍ନତିକରଣ କରାଯାଇଥିଲେ ହେଁ ପୂର୍ତ୍ତ ବିଭାଗର ଅପାରଗତାରୁ ଆଜିର ବର୍ଷା ପାଇଁ ଏହି ଡାକ୍ତରଖାନାଟି ଜନସାଧାରଣଙ୍କ ଆକ୍ରୋଶର ଶିକାର ହେବାକୁ ପଡିଛି। ସୂଚନା ମୁତାବକ ସଂପ୍ରତି ତିଗିରିଆ ନିଜିଗଡସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଟି ତିଗିରିଆ ବ୍ଲକର ୮୦ହଜାର ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଆସୁଥିବା ବେଳେ ସ୍ୱାସ୍ଥ୍ୟ ବିଭାଗ ଏହି ସ୍ୱାସ୍ଥ୍ୟକେନ୍ଦ୍ରର ସମ୍ପୂର୍ଣ୍ଣ ନବୀକରଣ କରାଯାଇଛି। ମାତ୍ର ପୂର୍ତ୍ତ ବିଭାଗ ରାସ୍ତାରୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯୋଗାଯୋଗ କରୁଥିବା ରାସ୍ତାଟିର ମରାମତି କରାଯାଇନାହିଁ। ଡାକ୍ତରଖାନାର ନବୀକରଣ କାର୍ଯ୍ୟ ଚାଲିଥିବା ବେଳେ ଗାଡିମୋଟର ଯାତାୟାତ କରିଥିବା ସ୍ଥାନମାନଙ୍କରେ ଏବେ ବି ଆଣ୍ଠୁଏ ଆଣ୍ଠୁଏ ଉଚ୍ଚର ଖାଲ ରହିଯାଇଛି। ବିଭାଗ ପକ୍ଷରୁ ଏହି ରାସ୍ତାକୁ ସମତୁଲ କରା ନ ଯିବା ତଥା ସାମାନ୍ୟ ମୋରମ ବା ଚିପ୍ସ ଗୁଣ୍ଡ ପକାଯାଇ ନ ଥିବାରୁ ରାସ୍ତାରେ ସାଧାରଣ ଯାତାୟାତରେ ଘୋର ସମସ୍ୟା ହେଉଛି। ଆଜି ଭୋରରୁ ତିଗିରିଆ ନିଜିଗଡରେ ଘଡଘଡି ସହ ସାମାନ୍ୟ ଧରଣର ବର୍ଷା ହୋଇଥିଲା। ମାତ୍ର ତିଗିରିଆ ଡାକ୍ତରଖାନା ମଧ୍ୟରୁ ବର୍ଷାପାଣି ନିଷ୍କାସନ ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ ଏହି ବର୍ଷାପାଣି ଡାକ୍ତରଖାନା ପରିସରରେ ଦୀର୍ଘ ସମୟ ଧରି ଲହଡି ଭାଙ୍ଗିଥିଲା। ଫଳରେ ଡାକ୍ତରଖାନାକୁ ରୋଗୀ ତଥା ଡାକ୍ତରୀ ଷ୍ଟାଫ୍‌ମାନଙ୍କୁ ଯାତାୟାତରେ ଘୋର ସମସ୍ୟା ହୋଇଥିଲା। ଏପରିକି କିଛି କର୍ମଚାରୀ ଓ ରୋଗୀ ଆଣ୍ଠୁଏ ଆଣ୍ଠୁଏ ପାଣିରେ ପଶି ଡାକ୍ତରଖାନାକୁ ଯାଉଥିବାର ଲକ୍ଷ୍ୟ କରାଯାଇଥିଲା। ରାଜ୍ୟ ସରକାରଙ୍କ ପକ୍ଷରୁ କୋଟି କୋଟି ଟଙ୍କା ବ୍ୟୟବରାଦରେ ତିଗିରିଆ ନିଜିଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତିକରଣ କରାଯାଇଥିଲା ବେଳେ ସାମାନ୍ୟ କେତେଟା ଟଙ୍କା ଖର୍ଚ୍ଚ କରିବାକୁ ପୂର୍ତ୍ତବିଭାଗର ପଛଘୁଞ୍ଚା ସାଧାରଣରେ ଭ୍ରୁକୁଞ୍ଚନ ସୃଷ୍ଟି କରିଛି। ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଏଥି ନେଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## ବଜ୍ରପାତରେ ଜଣେ ମୃତ

**ଆଠଗଡ,୧୧।୪(ସମିସ):** ଆଜି ସକାଳ ସମୟରେ ବିଲକୁ କାମକୁ ଯାଇଥିଲା ବେଳେ ବଜ୍ରପାତରେ ଜଣଙ୍କର ମୃତ୍ୟୁ ଘଟିଛି। ଢେଙ୍କାନାଳ ସଦର ଥାନା ଅନ୍ତର୍ଗତ ଚନ୍ଦ୍ରଶେଖର ପ୍ରସାଦ ପଞ୍ଚାୟତ ଝୁମ୍ପୁଡିଆ ଗ୍ରାମର ମହେଶ୍ୱର ତାଲୁଆ (୬୦) ବିଲକୁ କାମ କରିବାକୁ ଯାଇଥିବା ବେଳେ ହଠାତ ବଜ୍ରପାତ ହେବାରୁ ବିଲ ମଧ୍ୟରେ ପଡି ଯାଇଥିଲେ। ତୁରନ୍ତ ତାଙ୍କର ପରିବାର ଲୋକେ ଆଠଗଡ ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ। ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ଆଠଗଡ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛନ୍ତି। ଆଠଗଡ ଉପଖଣ୍ଡ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ କରାଯାଇ ପରିବାରକୁ ହସ୍ତାନ୍ତର କରାଯାଇଥିବା ଜଣାପଡିଛି।

## ମହୁମାଛି ଆକ୍ରମଣରେ ଲୋକେ ଆତଙ୍କିତ



**ମାହାଙ୍ଗା,୧୧।୪(ସମିସ):** ମାହାଙ୍ଗା ବ୍ଲକ ଅନ୍ତର୍ଗତ ଗୋକନ ପଞ୍ଚାୟତସ୍ଥିତ ଭଞ୍ଜମଣ୍ଡପ ନିକଟରେ ଥିବା ମା' ଦୁର୍ଗା ମଣ୍ଡପରେ ଏକ ବରଗଛରେ ମହୁମାଛି ବସା ହୋଇଛି। ଅତ୍ୟଧିକ ତାପମାତ୍ରା ଯୋଗୁ ଏବଂ ପବନ ବହିବା ହେତୁ ଗଛରେ ବସା ବାନ୍ଧିଥିବା ମହୁମାଛି ଗୁଡିକ ଉଡି ଏହି ରାସ୍ତା ଦେଇ ଯାଉଥିବା ପଥଚାରୀମାନଙ୍କୁ ଗୋଡାଇ ଗୋଡାଇ ଆକ୍ରମଣ କରୁଛନ୍ତି। ଯାହାକୁ ନେଇ ସ୍ଥାନୀୟ ଲୋକେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ଆଜକୁ ତିନି ଦିନ ହେବ ଏହି ବାଟ ଦେଇ ଯାଉଥିବା କୁନି କୁନି ପିଲାଙ୍କ ଠାରୁ ଆରମ୍ଭ କରି ବୃଦ୍ଧବୃଦ୍ଧାଙ୍କୁ ଆକ୍ରମଣ କରିବା ଦ୍ୱାରା ସେମାନେ ଦୁର୍ଘଟଣାର ଶିକାର ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ତେଣୁ ଜନସାଧାରଣଙ୍କ ବୃହତ ସ୍ୱାର୍ଥ ଦୃଷ୍ଟିରୁ ତୁରନ୍ତ ଏହି ମହୁବସାଟିକୁ ଭାଙ୍ଗିବାକୁ ପ୍ରଶାସନ ନିକଟରେ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

## ସାଲେପୁରରେ ବିଧାୟକଙ୍କ ନିର୍ବାଚନ ପ୍ରଚାର

**ସାଲେପୁର,୧୧।୪(ସମିସ):** ବିଧାୟକ ପ୍ରଶାନ୍ତ ବେହେରା ପୁନର୍ବାର ସାଲେପୁର ବିଧାନସଭା ଆସନ ପାଇଁ ବିଜେଡି ଦଳର ଟିକେଟ୍ ପାଇବାପରେ ବିଭିନ୍ନ ପଞ୍ଚାୟତ ଗସ୍ତ କରି ଅସନ୍ତୁଷ୍ଟ କର୍ମୀମାନଙ୍କୁ ବୁଝାସୁଝା କରି ନିଜର ସଂଗଠନରେ ସାମିଲ କରିବା ସହ ଅନ୍ୟ ଦଳର କର୍ମୀମାନଙ୍କୁ ମଧ୍ୟ ବିଜେଡି ଦଳରେ ସାମିଲ କରି ନିଜର ସ୍ଥିତି ମଜଭୁତ କରିବାରେ ଲାଗିଛନ୍ତି। ଏହି ଅବସରରେ ନିର୍ବାଚନ ପରିଚାଳନା ପାଇଁ ବିଭିନ୍ନ ପଞ୍ଚାୟତରେ ଦଳୀୟ ସଂଯୋଜକଙ୍କୁ ନିଯୁକ୍ତି କରି କାର୍ଯ୍ୟଧାରାକୁ ତ୍ୱରାନ୍ୱିତ କରିଛନ୍ତି। ଅନ୍ୟ ଜାତୀୟ ଦଳର ଅସନ୍ତୁଷ୍ଟ କର୍ମୀଙ୍କୁ ନବୀନ ବାବୁଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜୁ ଜନତା ଦଳରେ ସାମିଲ କରିବାକୁ ଉଦ୍ୟମ ଜାରି ରଖିଛନ୍ତି। ମହିଳା ଛାତ୍ର, ଯୁବକ, ଶ୍ରମିକମାନଙ୍କ ଦଳ ପ୍ରତି ଥିବା ସ୍ନେହ ଶ୍ରଦ୍ଧା, ସର୍ବୋପରି ବିଭିନ୍ନ ଜନହିତକର ଯୋଜନାରେ ହୋଇଥିବା କାର୍ଯ୍ୟଗୁଡିକୁ ତ୍ୱରାନ୍ୱିତ କରିଛନ୍ତି। ଏଥିରେ ଚିତ୍ତରଞ୍ଜନ ମହାନ୍ତି, ନାରାୟଣ ପତି, ଦିଲ୍ଲୀପ ଦାଶ, ବିଶ୍ୱଜିତ୍ ବିଶ୍ୱାଳ, ରମେଶ ଜେନା, ସଂଜିତ୍ ଦାଶ, ନବକିଶୋର କର ପ୍ରମୁଖ ବରିଷ୍ଠ ସଂଯୋଜକମାନେ ଦଳୀୟ ପ୍ରାର୍ଥୀଙ୍କୁ ବିପୁଳ ଭୋଟରେ ଜିତାଇବା ପାଇଁ ନିଜ ନିଜର ସାଂଗଠନିକ କାର୍ଯ୍ୟକୁ ଜୋରଦାର ଚଳାଇଥିବା ଜଣାଯାଇଛି।

## ବିଜେଡି ପ୍ରାର୍ଥୀ ଚନ୍ଦ୍ର ସାରଥୀଙ୍କ ନିର୍ବାଚନୀ ପ୍ରଚାର



**କଟକ,୧୧।୪(ସମିସ):** ନିର୍ବାଚନ ପାଖେଇ ଆସୁଥିବା ସବୁ ଦଳର ପ୍ରାର୍ଥୀ ପ୍ରଚାର ମଇଦାନରେ ଅବତୀର୍ଣ୍ଣ ହୋଇଥିଲେ ମଧ୍ୟ ବିଜେଡି ପ୍ରାର୍ଥୀ ଚନ୍ଦ୍ର ସାରଥୀ ବେହେରା ଆଗୁଆ ରହିଥିବା ଦେଖାଯାଉଛି। କଟକ ସଦର ବିଧାୟକ ଥିବା ଏବଂ ଏବେ ବିଜେଡି ଦଳର ବିଧାୟକ ପ୍ରାର୍ଥୀ ହୋଇଥିବା ଚନ୍ଦ୍ର ସାରଥୀ ବେହେରା ଗାଁ କୁ ଚାଲ ଅଭିଯାନ ମାଧ୍ୟମରେ ତାଙ୍କ ପ୍ରଚାର ଅଭିଯାନ ଜୋରଦାର କରିଥିବା ବେଳେ ତାଙ୍କ ପ୍ରତି ଜନସମର୍ଥନ ବଢୁଥିବା ଦେଖିବାକୁ ମିଳୁଛି। ଏବେ ପ୍ରାର୍ଥୀ ଶ୍ରୀ ବେହେରା ପ୍ରତି ଗାଁ ଏବଂ ସାହିକୁ ସାହି ଯାଇ ବିଜେଡି କର୍ମୀଙ୍କ ସହିତ ପ୍ରଚାର କରୁଛନ୍ତି। ଏହି କ୍ରମରେ ସଦର ନିର୍ବାଚନ ମଣ୍ଡଳୀର ମଧ୍ୟସ୍ଥଳ ଏବଂ ରାଜନୈତିକ ଦୃଷ୍ଟିରୁ ଗୁରୁତ୍ୱ ବହନ କରୁଥିବା କନ୍ଦରପୁର ଅଞ୍ଚଳକୁ ଗୁରୁତ୍ୱ ପ୍ରଦାନ କରି ଅଥଙ୍ଗା ଗ୍ରାମରେ ଅନୁଷ୍ଠିତ ହେଉଥିବା ଅଷ୍ଟମ ପ୍ରହର ନାମ ଯଜ୍ଞରେ ଯୋଗଦେଇ ପୂଜାର୍ଚ୍ଚନା କରିବା ସହିତ କର୍ମୀଙ୍କ ସହିତ ଆଗାମୀ ନିର୍ବାଚନ ବିଷୟରେ ଆଲୋଚନା କରିଥିଲେ। ବିଧାୟକ ପ୍ରାର୍ଥୀ ଶ୍ରୀ ବେହେରାଙ୍କ ସହିତ କନ୍ଦରପୁର ପଞ୍ଚାୟତର ବିଜେଡ଼ି ଆବାହକ କାଳିନ୍ଦୀ ଚରଣ ସ୍ୱାଇଁ, କନ୍ଦରପୁର ସମବାୟ କୃଷକ ସମିତିର ସଭାପତି ରାଜୀବ ବେଉରା, ପଞ୍ଚାୟତ ବିଜେଡ଼ି ସଭାପତି ଭିକାରୀ ବେହେରା, ପୂର୍ବତନ ସରପଞ୍ଚ ପ୍ରମୋଦ ରାଉତ, ନିରଞ୍ଜନ ବେହେରା, ଶିବ ପ୍ରସାଦ ପ୍ରଧାନ, ବିଘ୍ନେଶ୍ୱର ରାଉତଙ୍କ ସମେତ ବହୁ ବିଜେଡି କର୍ମୀ ଓ ଜନସାଧାରଣ ଉପସ୍ଥିତ ଥିଲେ।

## ମିନିଉଜ ପକ୍ଷରୁ ଜଳଛତ୍ର କାର୍ଯ୍ୟକ୍ରମ

**ନିଶ୍ଚିନ୍ତକୋଇଲି,୧୧।୪(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ଅଧିନସ୍ଥ ଉତ୍ତରକୂଳ ପଞ୍ଚାୟତ ମାହାଳ ହାଟ ଛକରେ ମିନିଉଜ ପକ୍ଷରୁ ପବିତ୍ର ଇଦ-ଉଲ-ଫିତର ଉପଲକ୍ଷେ ଏକ ଜଳଛତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମିନିଉଜ୍ ଓଡ଼ିଶାର ଅଧକ୍ଷ ଇଜାଜ୍ ଖାଁଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମକୁ ବାବୁଜଙ୍ଗ ପଞ୍ଚାୟତ ସରପଞ୍ଚ ମିଳନ ଭୂୟାଁ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉତ୍ତରକୂଳର ପୂର୍ବତନ ସରପଞ୍ଚ ଦିଲ୍ଲିପ ବିଶ୍ୱାଳ, କଟକ ସଦର ବିଜେଡ଼ି ଛାତ୍ର ନେତା ସଂଗ୍ରାମ ସାହାଣୀ, ବଜାର କମିଟି




ସଭାପତି ପ୍ରତାପ ଦାସ, କିଶୋର ସାହାଣୀ, ମାହାଳ ହାଟ ଫାଣ୍ଡି ଅଧିକାରୀ ଅଜୟ ମହାନ୍ତି, ସୁଶାନ୍ତ ପ୍ରଧାନ, ଅଙ୍କିତ ସେଠୀ, ତାପସ ସେଠୀ, ଜଲାଲ ଉଦ୍ଦିନ୍, ସାମ୍ବାଦିକ ପ୍ରଫୁଲ୍ଲ ମହାପାତ୍ରଙ୍କ ସମେତ ବହୁ ସାମ୍ବାଦିକ, ସମାଜସେବୀ ଓ ନେତୃବୃନ୍ଦ ଏଥିରେ ଯୋଗଦେଇଥିଲେ। ଏହି ଅବସରରେ ହଜାର ହଜାର ତୃଷାର୍ତ୍ତ ଲୋକଙ୍କୁ ଲେମ୍ବୁ ଦହି ମିଶା ସରବତ ବଣ୍ଟନ କରାଯାଇଥିଲା।

## ରାୟବାହାଦୁର ବିଦ୍ୟାଧର ପଣ୍ଡାଙ୍କ ଜୟନ୍ତୀ




**ବାଙ୍କୀ,୧୧।୪(ସମିସ):** ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କର ପ୍ରତିଷ୍ଠାତା ଏବଂ ସମବାୟ ଆନ୍ଦୋଳନର କର୍ଣ୍ଣଧାର ସ୍ୱର୍ଗତ ରାୟବାହାଦୂର ବିଦ୍ୟାଧର ପଣ୍ଡାଙ୍କ ୧୬୮ତମ ବାର୍ଷିକ ଜନ୍ମ ଜୟନ୍ତୀ ଆଜି ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ପକ୍ଷରୁ ସମ୍ମିଳନୀ କକ୍ଷରେ ପାଳିତ ହୋଇଯାଇଛି। ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ତଥା ବିଶିଷ୍ଟ ସମବାୟବିତ୍ ସୁବାସ ଚନ୍ଦ୍ର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ସମାଜସେବୀ ଭବାନୀ ପ୍ରସାଦ ପଣ୍ଡିତ, ସମ୍ମାନୀତ ଅତିଥି ଭାବେ ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ଗତିକୃଷ୍ଣ ସ୍ୱାଇଁ, ବାଙ୍କୀ ପ୍ରେସକ୍ଲବ ସଭାପତି ବଳଭଦ୍ର ପଣ୍ଡା, ବାଙ୍କୀ କ୍ରେଡିଟ୍ ସମବାୟ ବ୍ୟାଙ୍କ ସଭାପତି ସମରେନ୍ଦ୍ର ମହାପାତ୍ର, ସମବାୟବିତ୍ ରମେଶ ଚନ୍ଦ୍ର ପଣ୍ଡା ଯୋଗଦେଇଥିଲେ। ବ୍ୟାଙ୍କ ସଂପାଦକ ଅକ୍ଷୟ କୁମାର ସାମଲ ସ୍ୱାଗତ ଭାଷଣ ଦେଇ ଚାଷୀମାନଙ୍କର ଉନ୍ନତିରେ ଏହି ବ୍ୟାଙ୍କ କିପରି ସହାୟକ ହୋଇଛି ଓ ସ୍ୱର୍ଗତ ପଣ୍ଡା ଚାଷୀମାନଙ୍କର ସୁଖଦୁଃଖର ସାଥି ଥିଲେ ବୋଲି ସେ ସଂପର୍କରେ ବିବରଣୀ ପ୍ରଦାନ କରିଥିଲେ। ସକାଳେ ବ୍ୟାଙ୍କ ପରିସରରେ ସ୍ୱର୍ଗତ ରାୟବାହାଦୂର ବିଦ୍ୟାଧର ପଣ୍ଡା ଓ ପୂର୍ବତନ ସମବାୟ ମନ୍ତ୍ରୀ ଓ ସମବାୟ ସମ୍ରାଟ ସ୍ୱର୍ଗତ ଡାକ୍ତର ଯୋଗେଶ ଚନ୍ଦ୍ର ରାଉତଙ୍କ ସ୍ଥାପିତ ପ୍ରତିମୂର୍ତ୍ତିରେ ବ୍ୟାଙ୍କ ସଭାପତି ସୁବାସ ଚନ୍ଦ୍ର ପାଢ଼ୀ ଓ କର୍ମ.ଚାରୀମାନେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ୟାଙ୍କର ସମସ୍ତ କର୍ମକର୍ତ୍ତା ଓ କର୍ମ.ଚାରୀମାନେ ଯୋଗଦେଇ ସ୍ୱର୍ଗତ ପଣ୍ଡାଙ୍କ ପ୍ରତି ଶ୍ରଦ୍ଧାସୁମନ ଜ୍ଞାପନ କରିଥିଲେ। ଶେଷରେ ବ୍ୟାଙ୍କ ପରିଚାଳକ ସ୍ମୃତିଶ୍ରୀଲଗ୍ନା ଧନ୍ୟବାଦ ଅର୍ପଣ କରିଥିଲେ।

## ଓଟିଏମ୍ ହାଇସ୍କୁଲର ବାର୍ଷିକୋତ୍ସବ

**ଚୌଦ୍ୱାର,୧୧।୪(ସମିସ):** ସ୍ଥାନୀୟ ଓଟିଏମ୍ ହାଇସ୍କୁଲର ବାର୍ଷିକୋତ୍ସବ ଆନନ୍ଦିକା-୨୦୨୪ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ମମତା ସାହୁଙ୍କ ପୌରୋହିତ୍ୟରେ ବିଦ୍ୟାଳୟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ଡ.ଉଚ୍ଛବ ଚରଣ ଦାସ, ପଣ୍ଡିତ ନିରଦ ଆର୍ଯ୍ୟ, ଗୀତିକାର ଅଜୟ କୁମାର ମିଶ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଶିକ୍ଷକ ଜିତେନ୍ ରାଉତଙ୍କ ପରିଚାଳନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷକ କିଶୋର ମହାନ୍ତି, ମନ୍ମଥ ସାହୁ, ବିଜୟ ନନ୍ଦ, ଅକ୍ଷୟ ମିଶ୍ରଙ୍କ ସମେତ ବହୁ ପୂର୍ବତନ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୁରାତନ ଛାତ୍ର ଉତ୍ତମ ଚରଣ ସାହୁ, ବିଶ୍ୱ କଲ୍ୟାଣ ଦାସ, ଶେଖାଓ୍ୱତ ଖାଁ, ଅର୍ଜୁନ ପଣ୍ଡା, ନୀଳମଣି କର, ସୁରେଶ ରାଉତରାୟ, ସୁଜିତ୍ ଦାସ, ରୀନାରାଣୀ ବଡୁ ଶିକ୍ଷକ ପ୍ରଫୁଲ୍ଲ କୁମାର ନାଥଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶିକ୍ଷକ ରବି ନାରାୟଣ ଦାସ ଧନ୍ୟବାଦ ଦେଇଥିଲେ।



## ଧର୍ମପ୍ରାଣାଙ୍କ ପରଲୋକ

**ଚୌଦ୍ୱାର,୧୧।୪(ସମିସ):** ଚୌଦ୍ୱାର ବେହେରା ସାହିର ବେଲ ବେଉରାଙ୍କର ୯୨ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ ଜଣେ ଧର୍ମପ୍ରାଣା ତଥା ପରୋପକାରୀ ମହିଳାଭାବେ ଅଞ୍ଚଳରେ ଜଣାଶୁଣା ଥିଲେ। ବାର୍ଦ୍ଧକ୍ୟଜନୀତ ରୋଗରେ ପୀଡ଼ିତ ହୋଇ ଗତ ଏକ ସପ୍ତାହ ଧରି କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଥିଲେ। ତାଙ୍କ ପରଲୋକ ଖବର ପାଇ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ପୌର ଉପାଧକ୍ଷ ଶୁଭେନ୍ଦୁ ସାମଲ, କାଉନସିଲର ଆଶୁତୋଷ ଦାସ, ଅଜୟ ବେହେରା, ସୋରେନ୍ ବେହେରା, ଜୀବନ କୁମାର ବେହେରାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଓ ସାଧାରଣ ଜନତା ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ତାଙ୍କ ମର ଶରୀରକୁ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇ ଚାଟେଶ୍ୱର ଶ୍ମଶାନରେ ସତ୍କାର କରାଯାଇଥିଲା। ବଡ଼ପୁଅ ରମେଶ ଚନ୍ଦ୍ର ମୁଖାଗ୍ନି ଦେଇଥିଲେ। ମୃତ୍ୟୁଶଯ୍ୟା ନିକଟରେ ପୁତ୍ର ହରିହର, ବଳଦେବ, ରଘୁନାଥ, ବିମଳ, ଦିନବନ୍ଧୁଙ୍କ ସମେତ ପରିବାରର ସମସ୍ତ ସଦସ୍ୟ ସଦସ୍ୟା ଉପସ୍ଥିତ ଥିଲେ।

## ମାହାଙ୍ଗା କଂଗ୍ରେସ ପକ୍ଷରୁ ନିର୍ବାଚନ ପ୍ରସ୍ତୁତି




**ନିଶ୍ଚିନ୍ତକୋଇଲି,୧୧।୪(ସମିସ):** ମାହାଙ୍ଗା ବିଧାନସଭା ନିର୍ବାଚନ ମଣ୍ଡଳୀର କଂଗ୍ରେସ ନେତା ତଥା ପିସିସି ସାଧାରଣ ସମ୍ପାଦକ ପ୍ରଦିପ୍ତ କୁମାର ଦାସଙ୍କ ନେତୃତ୍ୱରେ ଏକ ନିର୍ବାଚନୀ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ନିଶ୍ଚିନ୍ତକୋଇଲି ବ୍ଲକ ତରତ ପଞ୍ଚାୟତ ଦାମୋଦରପୁର ଠାରେ ବରିଷ୍ଠ କଂଗ୍ରେସ କର୍ମୀ ରମେଶ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଏଥିଠରେ ମାହାଙ୍ଗା ବ୍ଲକ କଂଗ୍ରେସ କମିଟିର ଉପସଭାପତି ଆକାଶ ପ୍ରଧାନ, ମାହାଙ୍ଗା ନିର୍ବାଚନ ମଣ୍ଡଳୀର ଯୁବ କଂଗ୍ରେସ ସଭାପତି ସେକ୍ ସଦାମ, କଂଗ୍ରେସର ଛାମୁଆ କର୍ମୀ ଗଣେଶ୍ୱର ସ୍ୱାଇଁ, ମନ୍ମଥ ଖଟୁଆ, ନିଶ୍ଚିନ୍ତକୋଇଲି ବ୍ଲକ କଂଗ୍ରେସ କମିଟିର ପ୍ରାକ୍ତନ ସଭାପତି ଦିଲ୍ଲିପ ରାଉତ, କଟକ ଜିଲ୍ଲା କଂଗ୍ରେସ କମିଟିର ପୂର୍ବତନ ସମ୍ପାଦକ ଅମୀୟ ବିଶ୍ୱାଳ, ଶିଶିର ସ୍ୱାଇଁ, ଗୋପାଳ ସେଠୀ, ସଞ୍ଜୟ ବେହେରା, ରମେଶ ଚନ୍ଦ୍ର ବାରିକ, ଦୀପକ ନାୟକ, ମିଲନ ମଲିକ, ଦୀପକ ବେହେରା, ୟାକୁବ୍ ଖାନ୍, ସଚ୍ଚିଦାନନ୍ଦ ବେହେରା, ଅମରେଶ ସାମନ୍ତରାୟ, ବିନୋଦ ମଲିକ, ମିର୍ଜା ମୁନା, ସେକ୍ କରିମ ପ୍ରମୁଖ ଯୋଗଦେଇ ପ୍ରଦୀପ୍ତ ଦାସଙ୍କ ନେତୃତ୍ୱରେ ଚଳିତ ନିର୍ବାଚନରେ ମାହାଙ୍ଗାରେ କଂଗ୍ରେସ କିଭଳି ବିଜୟ ଲାଭ କରିବ ସେ ନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ମାହାଙ୍ଗାରୁ ବଂଶାନୁକ୍ରମ ଶାସନକୁ ହଟାଇ କଂଗ୍ରେସର ନିର୍ବାଚନୀ ଇସ୍ତାହାରକୁ ଘରେ ଘରେ ପ୍ରଚାର କରି ଭୋଟ ହାତେଇବାକୁ ଶ୍ରୀ ଦାସ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ।

## କଟକ ସଦର ନିର୍ବାଚନ ମଣ୍ଡଳୀ

# ହାଟ୍ରିକ ବିଜୟ ଲକ୍ଷ୍ୟରେ ଚନ୍ଦ୍ରସାରଥୀ

କଟକ,୧୧।୪(ସମିସ)

ଆସନ୍ତା ମେ' ମାସରେ ରାଜ୍ୟରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଥିବାବେଳେ ରାଜନୈତିକ ପାଣିପାଗରେ ଉଷ୍ମତା ଦେଖାଦେଇଥିବା ବେଳେ ଏଥିରୁ ବାଦ୍ ପଡିନି ୯୩ ନମ୍ବର କଟକ ସଦର (ସଂରକ୍ଷିତ) ନିର୍ବାଚନୀ ମଣ୍ଡଳୀ। ୩୭ଟି ପଞ୍ଚାୟତ ଓ କଟକ ମହାନଗର ନିଗମର ୬ଟି ୱାର୍ଡକୁ ନେଇ ଗଠିତ ଏହି ବିଧାନସଭା ନିର୍ବାଚନୀ ମଣ୍ଡଳୀ ୨୦୦୯ ମସିହା ଠାରୁ ସଂରକ୍ଷିତ ଆସନ ହୋଇଯାଇଛି। ଏହି ଆସନଟି କେବଳ 'କଟକ ସଦର' ନାମକୁ ଛାଡ଼ିଦେଲେ ଭୌଗଳିକ ମାନଚିତ୍ର ବଦଳି ଯାଇଛି। ୨୦୦୯ ପୂର୍ବର କଟକ ସଦର ଓ ବର୍ତ୍ତମାନର କଟକ ସଦର ବିଧାନସଭା ଆସନର ଭୌଗଳିକ ସ୍ଥିତି ସମ୍ପୂର୍ଣ୍ଣ ଅଲଗା। ୨୦୦୯ ମସିହାରେ ସୀମା ପୁନଃ ନିର୍ଦ୍ଧାରଣ ହେବା ପରେ କିଶନନଗର ନିର୍ବାଚନ ମଣ୍ଡଳୀ ସମ୍ପୂର୍ଣ୍ଣ ଉଚ୍ଛେଦ ହୋଇ କଟକ ସଦର ବିଧାନସଭା ନିର୍ବାଚନୀ ମଣ୍ଡଳୀରେ ତାହାର ସିଂହଭାଗ ମିଶିଯାଇଛି। ମୋଟ ୩୭ ପଞ୍ଚାୟତ ମଧ୍ୟରୁ ୨୨ଟି ପଞ୍ଚାୟତ କିଶନନଗର ଅଞ୍ଚଳର ହୋଇଥିବା ବେଳେ ପୂର୍ବ କଟକ ସଦରର ୧୫ଟି ପଞ୍ଚାୟତ ଓ ମହାନଗର ନିଗମର ୬ଟି ୱାର୍ଡ ରହିଛି। ବର୍ତ୍ତମାନ ମୋଟ ୨ଲକ୍ଷ ୨୫ ହଜାରରୁ ଉଦ୍ଧ୍ୱର୍ ଭୋଟର କଟକ ସଦର ନିର୍ବାଚନୀ ମଣ୍ଡଳୀରେ ଭୋଟ ଦେଇ ସେମାନଙ୍କ ବିଧାୟକ ବାଛିବେ। ୨୦୦୯ ମସିହାରେ ଏଠାରୁ ବିଜେଡ଼ିର ସ୍ୱର୍ଗତ କାଳିନ୍ଦୀ ଚରଣ ବେହେରା ବିଧାୟକ ହୋଇଥିବାବେଳେ ୨୦୧୪ ଓ ୨୦୧୯ ନିର୍ବାଚନରେ ସ୍ୱର୍ଗତ ବେହେରାଙ୍କ ପୁଅ ଚନ୍ଦ୍ର ସାରଥୀ ବେହେରା ଏଠାରୁ ପ୍ରତିନିଧିତ୍ୱ କରୁଛନ୍ତି। ଏବେ ବିଜୁ ଜନତା ଦଳ ପୁଣିଥରେ ଚନ୍ଦ୍ର ସାରଥୀଙ୍କ ଉପରେ ଭରସା କରି ପ୍ରାର୍ଥୀ କରିଛି। ତତ୍ ସହିତ କଟକ ଲୋକସଭା ପାଇଁ ସାଂସଦ ପ୍ରାର୍ଥୀ ଭାବେ ଡ ସନ୍ତୃପ୍ତ ମିଶ୍ର ପ୍ରାର୍ଥୀ ହୋଇଥିବାବେଳେ ବିଧାୟକ ପ୍ରାର୍ଥୀ ଶ୍ରୀ ବେହେରା ତାଙ୍କ ନିର୍ବାଚନୀ ପ୍ରଚାର ସାଂସଦ ପ୍ରାର୍ଥୀ ଡ. ମିଶ୍ରଙ୍କୁ ସାଥିରେ ଧରି ଜୋରଦାର କରିଛନ୍ତି। ଏହି ଆସନରୁ ଲଗାତର ୨ଥର ବିଧାୟକ ହୋଇଥିବା ଚନ୍ଦ୍ର ସାରଥୀ ଏବେ ହାଟ୍ରିକ ଲକ୍ଷ୍ୟରେ ବିଜୟ ହାସଲ ପାଇଁ ଉଦ୍ୟମ କରୁଥିବା ଦେଖିବାକୁ ମିଳୁଛି। ସେହିପରି ଏଠାରୁ ବିଜେପି ପକ୍ଷରୁ ବିଧାୟକ ପ୍ରାର୍ଥୀ ଭାବେ ଟିକେଟ ପାଇବାକୁ ୩ ଜଣ ଆଶାୟୀ ଥିଲେ। ପୂର୍ବରୁ ଏଠାରୁ ବିଜେପି ପ୍ରାର୍ଥୀ ହେଉଥିବା ଦିଲ୍ଲୀପ ମଲ୍ଲିକ, ପ୍ରଦୀପ ବେହେରା ଓ ପ୍ରକାଶ ଚନ୍ଦ୍ର ସେଠୀ ଆଶାୟୀ ଥିବାବେଳେ ଶେଷ ମୁହୂର୍ତ୍ତରେ ଦିଲ୍ଲୀପ ନିର୍ବାଚନ ଲଢ଼ିବାକୁ ଅନିଚ୍ଛା ପ୍ରକାଶ କରିବା ପରେ ପ୍ରଦୀପ ଓ ପ୍ରକାଶ ଦୁଇଜଣ ଟିକେଟ ପାଇଁ ଜୋରଦାର ଲବି ଚଳାଇଥିଲେ। ଶେଷରେ ଇଂ ପ୍ରକାଶ ଚନ୍ଦ୍ର ସେଠୀ ବିଧାୟକ ପ୍ରାର୍ଥୀ ଭାବେ ଟିକେଟ ପାଇ ନିର୍ବାଚନ ଲଢ଼ିବାକୁ ଯାଉଛନ୍ତି। ସେହିପରି କଟକ ଲୋକସଭା ସାଂସଦ ପ୍ରାର୍ଥୀ ଭାବେ ଦଳବଦଳ କରି ବିଜେପି ପକ୍ଷରୁ ଭର୍ତ୍ତୃହରି ମହତାବ ନିର୍ବାଚନ ଲଢ଼ିବାକୁ ଯାଉଛନ୍ତି। କିନ୍ତୁ ବିଧାୟକ ପ୍ରାର୍ଥୀ ପ୍ରକାଶଙ୍କ ପାଇଁ ସଦର ବିଜେପିରେ ଗୋଷ୍ଠି

**ବିଜେପିର ଗୋଷ୍ଠୀ କନ୍ଦଳରୁ ଫାଇଦା ନେବ ବିଜେଡି**



କନ୍ଦଳ କାଳ ହେବ। ଅତୀତରେ ବିଜେପିର ସଦସ୍ୟ ନ ଥିବା ପ୍ରକାଶ ସେଠୀ, ପୂର୍ବରୁ ଉତ୍କଳ ବିକାଶ ପରିଷଦ ନାମରେ ଏକ ସଂଗଠନ କରି ସାମାଜିକ କାର୍ଯ୍ୟକ୍ରମ କରିଆସୁଥିଲେ। ନିର୍ବାଚନ ପାଖେଇ ଆସୁଥିବା ବେଳେ ସେ ବିଜେପିରେ ମିଶିବା ପାଇଁ ଉଦ୍ୟମ ଆରମ୍ଭ କରି ବହୁ ବିରୋଧର ସମ୍ମୁଖୀନ ହୋଇଥିଲେ। ବିଜେପିର ସଂଗଠନ ଦାୟିତ୍ୱରେ ଥିବା ବହୁ ଜିଲ୍ଲା ପଦାଧିକାରୀ ପ୍ରକାଶଙ୍କ ସହିତ ନ ରହି ଖୋଲାଖୋଲି ଭାବରେ ବିଜେପି ଅନୁସୂଚିତ ଜାତି ଜିଲ୍ଲା ସଭାପତି ପ୍ରଦୀପ ବେହେରାଙ୍କ ଟିକେଟ ପାଇଁ ଜୋରଦାର ପ୍ରୟାସ କରିଥିଲେ। ସେହିପରି ରାଜ୍ୟ ବିଜେପି ମୁଖପାତ୍ର ଥିବା ଦିଲ୍ଲୀପ ମଲ୍ଲିକଙ୍କର ଏଠାରେ ଦଳୀୟ ଭୋଟ ଓ ତାଙ୍କର ନିଜସ୍ୱ ଭୋଟ ମଧ୍ୟ ରହିବା ସହ ନିର୍ବାଚନୀ ମଣ୍ଡଳୀରେ ଦବଦବା ରହିଛି। ସେହିପରି ଦଳୀୟ ଟିକେଟରୁ ବଞ୍ଚିତ ହୋଇଥିବା ପ୍ରଦୀପ ବେହେରାଙ୍କ ସମେତ ରାଜ୍ୟ କୃଷକ ମୋର୍ଚ୍ଚାର ଉପସଭାପତି ବରିଷ୍ଠ ନେତା ହୃଷୀକେଶ ଜେନା, ଜିଲ୍ଲା କମିଟିର ବହୁ ପଦାଧିକାରୀ, ମଣ୍ଡଳ ସଭାପତି ମାନେ ମଧ୍ୟ ବର୍ତ୍ତମାନ ସୁଦ୍ଧା ପ୍ରକାଶଙ୍କ ସହିତ ନ ଥିବା ଦେଖିବାକୁ ମିଳୁଛି ଯାହାକି ଭବିଷ୍ୟତରେ ଟିକେଟ ହାତେଇ ଥିବା ପ୍ରକାଶଙ୍କ ପାଇଁ କାଳ ହୋଇପାରେ। ଏଥି ସହିତ ଦୁଇ/ଚାରି ଜଣ ଦଳୀୟ କାର୍ଯ୍ୟକର୍ତ୍ତା ଓ କିଛି ବିବାଦୀୟ କର୍ମୀ ବିଜେପି ପ୍ରାର୍ଥୀଙ୍କ ପ୍ରଚାରର ମଙ୍ଗ ଧରିଥିବା ଦେଖାଯାଉଛି ଯାହାକି ବିଜେପି ପ୍ରାର୍ଥୀଙ୍କ ପାଇଁ କ୍ଷତିକାରକ ହେବ। ତତ୍ ସହିତ ଶ୍ରୀ ସେଠୀ ମଧ୍ୟ 'ଏକଲା ଚାଲୋ' ନୀତିରେ ଚାଲୁଥିବା ଦେଖିବାକୁ ମିଳୁଛି। ଏ ସମ୍ପର୍କରେ ବିଜେପି ପ୍ରାର୍ଥୀ ହୋଇଥିବା ପ୍ରକାଶ ସେଠୀଙ୍କ ମତାମତ ନେବା ପାଇଁ ବହୁ ଥର ଫୋନ କରିଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ। ବରିଷ୍ଠ ବିଜେପି ନେତା ଦିଲ୍ଲୀପ ମଲ୍ଲିକଙ୍କୁ ଚଳିତ ନିର୍ବାଚନରେ ସଦର ନିର୍ବାଚନୀ ମଣ୍ଡଳୀରେ ଭୋଟ ଓ ଦଳୀୟ ପ୍ରାର୍ଥୀଙ୍କ ପ୍ରତି ତାଙ୍କ ସମର୍ଥନ ସମ୍ପର୍କରେ ପଚାରିବାରୁ, ସଦର ଅଞ୍ଚଳର ଦଳୀୟ ସଂଗଠନକୁ ସେ ମଜବୁତ କରିଥିବା କହିବା ସହ ଦଳୀୟ ଭୋଟ ମଧ୍ୟ ବୃଦ୍ଧି ଘଟିଛି ଏବଂ ନୂଆ ମୁହଁ ଭାବରେ ଲୋକେ ଗ୍ରହଣ କରିବେ ବୋଲି କହିବା ସହ ସମସ୍ତଙ୍କୁ ସାଥିରେ ନେଇ ଚାଲିବାକୁ ପ୍ରାର୍ଥୀ ଶ୍ରୀ ସେଠୀଙ୍କୁ ପରାମର୍ଶ ଦେଇଛନ୍ତି। ଅପରପକ୍ଷରେ କଂଗ୍ରେସ ପକ୍ଷରୁ ବର୍ତ୍ତମାନ ସୁଦ୍ଧା ଦଳୀୟ ପ୍ରାର୍ଥୀଙ୍କ ନାମ ଘୋଷଣା ହୋଇ ନ ଥିବା ବେଳେ ୪୨ମୌଜା ଅଞ୍ଚଳର ଦଳିତ ନେତା ରାମଚନ୍ଦ୍ର ଗୋଛାୟତଙ୍କୁ ପ୍ରାର୍ଥୀ କରିବାକୁ ସ୍ଥିର ହୋଇଥିବା ବିଶେଷ ସୂତ୍ରରୁ ଜଣାପଡିଛି। ଜଣେ ଭଦ୍ର ଓ ଭଲ ସଂଗଠକ ଭାବରେ ପରିଚିତ ଶ୍ରୀ ଗୋଛାୟତଙ୍କୁ ଯଦି କଂଗ୍ରେସ ଦଳ ପ୍ରାର୍ଥୀ କରେ ତା'ହେଲେ କଂଗ୍ରେସ ଭୋଟ ଗତ ନିର୍ବାଚନ ତୁଳନାରେ ବୃଦ୍ଧି ପାଇବା ସମ୍ଭାବନା ରହିଛି। ସୁତରାଂ, ବର୍ତ୍ତମାନର ପରିସ୍ଥିତି ଅନୁଧ୍ୟାନ କଲେ କଟକ ସଦର ବିଧାନସଭା ନିର୍ବାଚନୀ ମଣ୍ଡଳୀ ବିଜୁ ଜନତା ଦଳର ଗଡ ହୋଇଥିବା ଦୃଷ୍ଟିରୁ ଏବଂ ବିଜେପି ଦଳର ଗୋଷ୍ଠି କନ୍ଦଳ ମଧ୍ୟରୁ ବିଜେଡି ପ୍ରାର୍ଥୀ ଚନ୍ଦ୍ରସାରଥୀ ବେହେରା ସୁବିଧାଜନକ ସ୍ଥିତିରେ ଅଛନ୍ତି। ଏଠାରୁ ହାଟ୍ରିକ ବିଜୟ ଲକ୍ଷ୍ୟରେ ଅଗ୍ରସର ହେଉଥିବା ଦେଖିବାକୁ ମିଳୁଛି।

## ଜାଗୁଲେଇଙ୍କ ବାର୍ଷିକ ଉତ୍ସବ

**ଚୌଦ୍ୱାର,୧୧।୪(ସମିସ):** ଚୌଦ୍ୱାର ପୌରପାଳିକା ୯ ନମ୍ବର ୱାଡର୍‌ସ୍ଥିତ ମା ଜାଗୁଲେଇ ମନ୍ଦିରରେ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସାରାଦିନ ବ୍ୟାପି ଦେବୀଙ୍କ ନାନାବିଧ ପୂଜାର୍ଚ୍ଚନା ରୀତିନୀତିରେ ଅନୁଷ୍ଠିତ ହେବା ସହିତ ଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଅଞ୍ଚଳର ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗଦେଇ ମା'ଙ୍କ ପୂଜାର୍ଚ୍ଚନା ସହିତ ଆର୍ଶିବାଦ ଭିକ୍ଷା କରିଥିଲେ। ଚୌଦ୍ୱାର କଟକ ବିଧାୟକ ସୌଭିକ୍ ବିଶ୍ୱାଳ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଦେବୀଙ୍କ ପୂଜାର୍ଚ୍ଚନା ଓ ଆଶୀର୍ବାଦ ଭିକ୍ଷା ସହିତ ସ୍ଥାନୀୟ ଜନତାଙ୍କ ସହିତ ଭାବର ଆଦାନ ପ୍ରଦାନ କରିଥିଲେ। ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, କାଉନସିଲର ଆଶୁତୋଷ ଦାସ, ରଙ୍ଗଲତା ସାହୁ, ଶାରଦା ରଞ୍ଜନ ପରିଜା, ରାଜକିଶୋର ସାମନ୍ତରାୟ, ଜୟନ୍ତୀ ଲେଙ୍କା, ଅଶୋକ ମହାନ୍ତି, ସୁଧାକର ତ୍ରିପାଠୀ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

## ପ୍ରାଚୀ ଅଟୋ ଆସୋସିଏସନ୍ ପକ୍ଷରୁ ଜଳଛତ୍ର




**ନିଆଳି,୧୧।୪(ସମିସ):** ନିଆଳି ପ୍ରାଚୀ ଅଟୋ ଆସୋସିଏସନ୍ ପକ୍ଷରୁ ନିଆଳି ବଜାରରେ ଏକ ଜଳଛତ୍ର ଖୋଲାଯାଇଛି। ଏହାକୁ ନିଆଳି ଥାନା ଏସ୍‌ଆଇ ଚିନ୍ମୟ ଦ୍ୱିବେଦୀ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିବା ବେଳେ ସଂଘର ସଭାପତି ସେଖ୍ ଆୟାସ୍, ଉପସଭାପତି ଟୁକୁନା ଜେନା, ସମ୍ପାଦକ ସେଖ୍ ଅବ୍‌ଦୁଲ୍ ଗୟାନ୍, ସହସମ୍ପାଦକ ପବିତ୍ର କୁମାର ବେହେରା, କୋଷାଧ୍ୟକ୍ଷ ସୁଶାନ୍ତ ପ୍ରଧାନ, ଉପଦେଷ୍ଟା ସ୍ମୃତିରଞ୍ଜନ ମହାନ୍ତି, ରଶ୍ମି ରଞ୍ଜନ ନାୟକ, ଲକ୍ଷ୍ମୀଧର ନାୟକ, ଖତୁ ରଞ୍ଜନ ବସ୍ତିଆ, ପ୍ରଦୀପ୍ତ ବାରିକଙ୍କ ସମେତ ସଦସ୍ୟ ପ୍ରଦୀପ ସାହୁ, ପ୍ରଦୀପ୍ତ ମହାପାତ୍ର, ଦୀପ୍ତି ରଞ୍ଜନ ସ୍ୱାଇଁ, ମସିମ୍ ସା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶଥାଉକି ବର୍ତ୍ତମାନ ପ୍ରବଳ ଗ୍ରୀଷ୍ମ ପ୍ରବାହ ହେଉଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ଏଯାଏଁ ଜଳଛତ୍ର ଖୋଲାଯାଇ ନ ଥିବା ଦେଖିବାକୁ ମିଳିଛି। ନିଆଳି ବଜାରରେ ପ୍ରତ୍ୟେହ ହଜାର ହଜାର ଲୋକ ଯାତାୟତ କରୁଥିବା ବେଳେ ଗ୍ରୀଷ୍ମ ପ୍ରବାହ ଯୋଗୁଁ ପାଣି ମୁନ୍ଦାଏ ପାଇଁ ଡ଼ହଳବିକଳ ହେଉଥିଲେ।

### ଦହପଡ଼ା ଉର୍ଦ୍ଦୁ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷାଦାନ ବିପର୍ଯ୍ୟସ୍ତ

# ୫ ଶ୍ରେଣୀକୁ ଦୁଇ ଶିକ୍ଷକ

**ନିଶ୍ଚିନ୍ତକୋଇଲି,୧୧।୪(ସମିସ)**

ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧିନସ୍ଥ ରାମକୃଷ୍ଣପୁର ପଞ୍ଚାୟତ ଦହପଡ଼ା ଉର୍ଦ୍ଦୁ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷାଦାନ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏହି ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୮୮ ଜଣ ଛାତ୍ର ଛାତ୍ରୀ ଅଧ୍ୟୟନ କରୁଛନ୍ତି। ହେଲେ ମାତ୍ର ୨ଜଣ ଉର୍ଦ୍ଦୁ ଶିକ୍ଷକ ରହିଛନ୍ତି। ସମସ୍ତ ବିଦ୍ୟାଳୟରେ ଓଡ଼ିଆ ବିଷୟ ବାଧ୍ୟତାମୂଳକ ଶିକ୍ଷା ପାଇଁ ସରକାର ନିୟମ କରିଛନ୍ତି। ମାତ୍ର ଏଠାରେ କେହି ଓଡ଼ିଆ ଶିକ୍ଷକ ନ ଥିବାରୁ ଓଡ଼ିଆ ଭାଷା ଶିକ୍ଷାରେ ଅବ୍ୟବସ୍ଥା ଦେଖାଯାଇଛି। ଏହି ବିଦ୍ୟାଳୟର ପ୍ରଧାନଶିକ୍ଷକ ତିଲୋତ୍ତମା ରାଉତ ଗତ ଫେବୃୟାରୀ ୨୯ ତାରିଖରୁ ଅବସର ଗ୍ରହଣ କରିଥିଲେ ମଧ୍ୟ ତାଙ୍କ ସ୍ଥାନରେ ନୂତନ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇନାହିଁ। ବର୍ତ୍ତମାନ ନୂତନ ପିଲାମାନଙ୍କର ବିଦ୍ୟାଳୟ ପ୍ରବେଶ ଓ ନାମଲେଖା



କାର୍ଯ୍ୟକ୍ରମ ଚାଲିଥିଲା ବେଳେ ଶିକ୍ଷକ ଅଭାବରୁ ଅଧିକ ସଂଖ୍ୟାରେ ପ୍ରଥମ ଶ୍ରେଣୀରେ ନାମ ନ ଲେଖାଇ ଅନ୍ୟତ୍ର ବେସରକାରୀ ବିଦ୍ୟାଳୟକୁ ଚାଲିଯାଉଥିବା ଦେଖିବାକୁ ମିଳିଛି। ଏହି ବିଦ୍ୟାଳୟର ପ୍ରଥମ ଶ୍ରେଣୀରେ ୯ଜଣ, ଦ୍ୱିତୀୟ ଶ୍ରେଣୀରେ ୧୦ଜଣ, ତୃତୀୟ ଶ୍ରେଣୀରେ ୨୫ଜଣ, ଚତୁର୍ଥ ଶ୍ରେଣୀରେ ୧୬ଜଣ ଓ ପଞ୍ଚମ ଶ୍ରେଣୀରେ ୨୮ ଜଣ ଛାତ୍ର ଛାତ୍ରୀ ଅଧ୍ୟୟନ କରୁଛନ୍ତି। ଶିକ୍ଷକ ଅଭାବରୁ ଦୁଇଟି ଓ ତିନୋଟି ଶ୍ରେଣୀର ଛାତ୍ରଛାତ୍ରୀ ଗୋଟିଏ ଲେଖାଏଁ କୋଠରୀରେ ବସି ଏକାଠି ଅଧ୍ୟୟନ କରୁଥିବାରୁ ଠିକ୍ ଭାବେ ପାଠ ପଢି ପାରୁ ନ ଥିବା ପିଲାମାନେ ଅଭିଯୋଗ କରିଛନ୍ତି। ସ୍ଥାନୀୟ ସରପଞ୍ଚ, ପରିଚାଳନା କମିଟି ସଭ୍ୟ ସଭ୍ୟା ଓ ଗ୍ରାମବାସୀମାନେ ଅଧିକ ଶିକ୍ଷକ ଯୋଗାଇ ଦେବା ପାଇଁ ମଣ୍ଡଳ ଶିକ୍ଷା ଅଧିକାରୀ ଏବଂ ରାଜନେତାଙ୍କୁ ବାରମ୍ବାର କହୁଥିଲେ ମଧ୍ୟ କେହି କର୍ଣ୍ଣପାତ କରୁ ନ ଥିବା ଜଣାଯାଇଛି। ଏଥିପ୍ରତି ଉଚ୍ଚପଦସ୍ଥ ଅଧିକାରୀ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

## ବାଳକୃଷ୍ଣ ବିଦ୍ୟାନିକେତନର ପରିଚାଳନା କମିଟି ଗଠିତ

**ନିଶ୍ଚିନ୍ତକୋଇଲି,୧୧।୪(ସମିସ):** ଜିଗ୍ନୀପୁର ପଞ୍ଚାୟତରେ ଥିବା ସରକାରୀ ବାଳକୃଷ୍ଣ ବିଦ୍ୟାନିକେତନର ନୂତନ ପରିଚାଳନା କମିଟି ଗଠନ ହୋଇଛି। ପ୍ରଧାନଶିକ୍ଷୟିତ୍ରୀ ସୁପ୍ରଭା ସେନାପତିଙ୍କ ପୌରହିତ୍ୟରେ ଅଭିଭାବକ ଓ ଶିକ୍ଷକ ବୈଠକ କରାଯାଇ ୪ଜଣଙ୍କୁ ନୂତନ ସଭ୍ୟ ଭାବେ ନିଆଯିବା ପରେ ନୂତନ ସଭାପତିଙ୍କୁ ମଧ୍ୟ ନିର୍ବାଚିତ କରାଯାଇଛି। ସହକାରୀ ଶିକ୍ଷକ ପ୍ରଭାକର ସ୍ୱାଇଁଙ୍କ ସଂଯୋଜନାରେ ଏହି ବୈଠକରେ ପ୍ରାକ୍ତନ ସଭାପତି ଦୀପକ ପରିଡ଼ା, ସିଆରସିସି ପିତାମ୍ବର ବେହେରା, ଆଲୁମନି କମିଟିର ସଭାପତି ସୁରେନ୍ଦ୍ରନାଥ ରାଉତ, ବରିଷ୍ଠ ଶିକ୍ଷୟିତ୍ରୀ ସବିତା ମିଶ୍ର, ରଞ୍ଜନ ଦାସ ପ୍ରମୁଖ ଯୋଗଦେଇ ସ୍କୁଲ ପରିଚାଳନା କମିଟିର ଦାୟିତ୍ୱ ଓ କର୍ତ୍ତବ୍ୟବୋଧ ସଂକ୍ରାନ୍ତରେ ଅବଗତ କରାଇଥିଲେ। ଏହି କମିଟିରେ ନୂତନ ସଭାପତି ଭାବେ ମନୋଜ କୁମାର ଘଡ଼ାଇଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିଲା ବେଳେ ଉପସଭାପତି ଭାବେ ଝୁନୁଲତା ରାଉତ, ନୂତନ ସଭ୍ୟା ଭାବେ ବୀଣାପାଣି ସାମଲ ଓ ସଭ୍ୟ ଭାବେ ବିରଜାପ୍ରସନ୍ନ ନାୟକ, ହିମାଂଶୁ ଶେଖର ମହାନ୍ତି, ବିଜୟ ରାଉତଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଛି।



# ଆନନ୍ଦ ଉଲ୍ଲାସର ସହ ପବିତ୍ର ଇଦ-ଉଲ-ଫିତର ପାଳିତ


ଚୌଦ୍ୱାର


ନିଆଳି

**ଟିଗିରିଆ,୧୧।୪(ସମିସ)**

ଟିଗିରିଆ ବ୍ଲକ ଅନ୍ତର୍ଗତ ଜମାତ ଅହମଦିୟା ପଙ୍କାଳ ଠାରେ ଗୁରୁବାର ପବିତ୍ର ଇଦ-ଉଲ-ଫିତର ପର୍ବ ଆନନ୍ଦ ଉଲ୍ଲାସର ସହିତ ପାଳିତ ହୋଇଯାଇଛି। ପବିତ୍ର ରମଜାନ ମାସର ଏକ ମାସ ରୋଜା (ଉପବାସ) ପରେ ଗୁରୁବାର ଇଦ ପାଳିତ ହୋଇଛି। ପୂର୍ବାହ୍ନରେ ପ୍ରବଳ ବର୍ଷା ପାଇଁ ନିର୍ଦ୍ଧାରିତ ସ୍ଥାନ ପଙ୍କାଳ ଇଦଗା ପରିବର୍ତ୍ତେ ଜାମା ମସଜିଦ ଠାରେ ପୂର୍ବାହ୍ନ ୧୦ଟା ସମୟରେ ସେକ୍ ଅବଦୁଲ କାଦିର ସାମୁହିକ ନମାଜ ପାଠ କରାଇଥିଲେ ଓ ମହିଳାଙ୍କୁ ମୌଲାନା ସେକ ସମସୁଲ ନମାଜ ପାଠ କରାଇଥିଲେ। ସାମୁହିକ ନମାଜ ପାଠ ପରେ ମୁସଲମାନ ଭାଇଭଉଣୀମାନେ ପରସ୍ପରକୁ ଆଲିଙ୍ଗନ ପୂର୍ବକ ପରସ୍ପରକୁ ପବିତ୍ର ଇଦର ଶୁଭେଚ୍ଛା ଜଣାଇଥିଲେ। ଟିଗିରିଆ ପଞ୍ଚାୟତ ସମିତି ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ, ଜିଲ୍ଲା ଯୋଜନା ବୋର୍ଡ ସଦସ୍ୟା ସସ୍ମିତା ରାଉତ, ଜିଲ୍ଲା ପରିଷଦ ସଭ୍ୟ ସଞ୍ଜୟ ମଲ୍ଲିକ ପ୍ରମୁଖ ଗ୍ରାମର ବିଭିନ୍ନ ଘରକୁ ଯାଇ ଇଦର ବଧାଇ ଜଣାଇଥିଲେ। ଗ୍ରାମ୍ୟ କମିଟି ସଭାପତି ଅବଦୁଲ ଇସମାଇଲ ଖାଁ, ସାହାଦତ ଖାଁ, ମହମ୍ମଦ ସୋଲେମାନ, ମହମ୍ମଦ ମୋଜିବୁଲ ହକ ପ୍ରମୁଖ ଉପସ୍ଥିତ ଥଲେ। ସେହିପରି ଜମାତ ଅହମଦିୟା କରଡାପଲ୍ଲୀ ଠାରେ ମୌଲାନା ହଲିମ ଅହମ୍ମଦ ସାମୁହିକ ନମାଜ ପାଠ କରାଇଥିଲେ। ଇତ୍ୟବସରରେ ଅସହାୟ ଲୋକଙ୍କୁ ଉଭୟ ପଙ୍କାଳ ଓ କରଡାପଲ୍ଲୀ ଜମାତ ପକ୍ଷରୁ ଖାଦ୍ୟ ଓ ବସ୍ତ୍ର ପ୍ରଦାନ କରାଯାଇଥିଲା।

**ଟାଙ୍ଗୀ:** ମୁସଲମାନ ସମ୍ପ୍ରଦାୟର ପବିତ୍ର ପର୍ବ ଇଦୁଲଫିତର ଟାଙ୍ଗୀ-ଚୌଦ୍ୱାର ବ୍ଲକ ମୁଖ୍ୟାଳୟ ଟାଙ୍ଗୀ ଅଞ୍ଚଳରେ ହର୍ଷଉଲ୍ଲାସର ସହ ଗୁରୁବାର ପାଳିତ ହୋଇଯାଇଛି। ପାରମ୍ପରିକ ରୀତନୀତି ଅନୁଯାୟୀ ପୂର୍ବାହ୍ନରେ ସ୍ଥାନୀୟ ଇଦଗାରେ ନମାଜ ପାଠ ଓ କବରସ୍ଥାନରେ ପୂର୍ବଜଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ସାଲେପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଟାଙ୍ଗୀ ଅଞ୍ଚଳର ମୁସଲମାନ ବହୁଳ ଜରିପଡ଼ା, ନପଙ୍ଗ, ହରିଅନ୍ତା, କୋଟସାହି ଓ କନ୍ହେଇପୁର ପଞ୍ଚାୟତ ଏହି ଉପଲକ୍ଷେ ଚଳଚଞ୍ଚଳ ରହିଥିଲା। ଉକ୍ତ ପବିତ୍ର କାର୍ଯ୍ୟକ୍ରମରେ ବିଧାୟକ ପ୍ରଶାନ୍ତ ବେହେରାଙ୍କ ସମେତ ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କ ପ୍ରତିନିଧି ଜନ୍ମେଜୟ ଖିଲାର, ଜିଲ୍ଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ସାମଲ, ଆମ୍ରା ଅଧ୍ୟକ୍ଷ ରାଜେଶ ରଞ୍ଜନ ଷଡ଼ଙ୍ଗୀ, ବ୍ଲକ ବିଜେଡି ସଭାପତି ଧିରେନ୍ଦ୍ର ଜେଠୀ, ସରପଞ୍ଚ ନିବାସ ଚନ୍ଦ୍ର ପାଣ୍ଡବ, ଭରତ ବେହେରା, ତାପସ ସାହୁ ଯୁବ ବିଜେଡ଼ି ନେତା ପରମଜିତ ମହାନ୍ତି, ଗୋବିନ୍ଦ ଦାସ, ଶାରଦା ପ୍ରସନ୍ନ ମହାନ୍ତି, ସଞ୍ଜୟ ବେହେରା, ପ୍ରଭାସ ମିଶ୍ର ଓ ବରିଷ୍ଠ ନେତା ପରମାନନ୍ଦ ନାୟକ ପ୍ରମୁଖ ଯୋଗଦାନ କରି ଭାଇଚାରା ଓ ସାମ୍ପ୍ରଦାୟିକ ସଦ୍‌ଭାବର ବାର୍ତ୍ତା ପ୍ରଦାନ କରିଥିଲେ।

**ଚୌଦ୍ୱାର:** ଚୌଦ୍ୱାରରେ ଇଦ୍ ପର୍ବ ଧୂମଧାମରେ ପାଳିତ ହୋଇଯାଇଛି। ଚୌଦ୍ୱାର ମୁସଲିମ୍ ପଞ୍ଚାୟତ ତରଫରୁ


ନିଶ୍ଚିନ୍ତକୋଇଲି


ଟିଗିରିଆ


ମାହାଙ୍ଗା

ଆୟୋଜିତ ଏହି କାର୍ଯ୍ୟକ୍ରମରେ ଚୌଦ୍ୱାର ଅଞ୍ଚଳରେ ମୁସଲିମ୍ ସମ୍ପ୍ରଦାୟର ଲୋକମାନେ ଚାଟେଶ୍ୱରସ୍ଥିତ ଇଦଘା ପଡ଼ିଆରେ ଏକତ୍ରିତ ହୋଇ ଦିନ ୯ଟା ସମୟରେ ସମୁହ କଲମା ପଢ଼ିଥିଲେ। ଚୌଦ୍ୱାର ମସଜିଦ୍‌ର ମୌଲବୀ ରହିମ୍ ଉସମାନୀ ନମାଜ ପାଠ ସହିତ ପବିତ୍ର କୋରାନ୍ ପାଠ କରିଥିଲେ। ଏହି ସମୁହ ନମାଜରେ ଚୌଦ୍ୱାର ମୁସଲିମ୍ ସମ୍ପ୍ରଦାୟ ସମେତ ସାଇଁଟୋ, ନାରପଡ଼ା, ବ୍ରହ୍ମପୁର, ବାଣୀପଦା, ଭଗତପୁର ଆଦି ଅଞ୍ଚଳର ମୁସଲମାନ ଭାଇମାନେ ଅଂଶଗ୍ରହଣ କରିଥିଲେ। ମହିଳାମାନେ ନିଜ ନିଜ ଘରେ କଲମା ପଢ଼ିଥିଲେ। ପରେ ପରେ ଆୟୋଜିତ ବନ୍ଧୁମିଳନ କାର୍ଯ୍ୟକ୍ରମରେ ଉପସ୍ଥିତ ଲୋକେ ପରସ୍ପରକୁ କୋଳାଗ୍ରତ କରି ଇଦ ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ପରସ୍ପର ମଧ୍ୟରେ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ଚୌଦ୍ୱାର ଆଇଆଇସି ବିଶ୍ୱରଞ୍ଜନ ସାହୁ ଓ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ କାର୍ଯ୍ୟକ୍ରମରେ ଅତିଥିଭାବେ ଯୋଗଦେଇ ସମସ୍ତଙ୍କୁ ଇଦ୍ ଅଭିନନ୍ଦନ ଜଣାଇଥିଲେ। ମୁସଲିମ ପଞ୍ଚାୟତ ସଭାପତି ସେକ୍ ସାଜିଦ୍ ଚାନ୍ଦଙ୍କ ପରିଚାଳନାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ମହମ୍ମଦ ରିଜୁଆନ୍, ନସିମ୍ ଖାନ୍,ସେକ୍ ଫିରୋଜ, ସେକ୍ ଇସମାଇଲ, ଏହସାନ୍ ଲକିଫ ସାହା, ସେକ୍ ଖାଲିଦ୍ ଚାନ୍ଦ, ସେକ୍ ସଫିକ୍, ସେକ୍ ତମନ୍ନା ପ୍ରମୁଖଙ୍କ ସମେତ ସ୍ଥାନୀୟ ଯୁବଗୋଷ୍ଠୀ ପରିଚାଳନା କରିଥିଲେ। ସନ୍ଧ୍ୟାରେ ମନୋରଞ୍ଜନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଅନୁରୂପ ଭାବେ ବ୍ରହ୍ମପୁର ଗ୍ରାମରେ ଇଦ୍ ପର୍ବ ପାଳିତ ହୋଇଯାଇଛି। ସ୍ଥାନୀୟ ମସଜିଦ୍‌ରେ ସମୁହ ନମାଜ ପାଠ ପରେ ବିଜେଡି କଟକ ଜିଲ୍ଲା ସମ୍ପାଦକ ସେକ୍ ସାହାଜାନ୍‌ଙ୍କ ପୌରୋହିତ୍ୟରେ ଆୟୋଜିତ ବନ୍ଧୁମିଳନ କାର୍ଯ୍ୟକ୍ରମରେ ଚୌଦ୍ୱାର ଆଇଆଇସି ବିଶ୍ୱରଞ୍ଜନ ସାହୁ, ଅଧିକାରୀ ସରସ୍ୱତୀ ସାହୁ, ରବୀନ୍ଦ୍ର କୁମାର ରାଉତ, ଚଗଲା ରାଉତ ପ୍ରମୁଖ ଅତିଥି ଭାବେ ଯୋଗଦେଇ ସମସ୍ତଙ୍କୁ ଇଦ୍ ଶୁଭେଚ୍ଛା ଜଣାଇଥିଲେ।

**ମାହାଙ୍ଗା:** ମାହାଙ୍ଗା ବ୍ଲକ୍‌ର ସମସ୍ତ ପଞ୍ଚାୟତରେ ଥିବା ମୁସଲମାନ ସଂପ୍ରଦାୟର ଲୋକମାନେ ପବିତ୍ର ଇଦ-ଉଲ-ଫିତର ପର୍ବ ଆନନ୍ଦ ଉଲ୍ଲାସରେ ପାଳିତ କରିଛନ୍ତି। ଏହି ଅବସରରେ ପ୍ରତ୍ୟୁଷରୁ ମୁସଲମାନ ଭାଇମାନେ ମସଜିଦରେ ପହଞ୍ଚି ନମାଜ ପାଠ କରିବା ସହ ତାଙ୍କ ମୁସଲମାନ ପରମ୍ପରା ଅନୁଯାୟୀ ପୂଜା ପାଠ କରିଥିଲେ। ବିଶେଷ କରି କୁଣ୍ଡି ପଞ୍ଚାୟତର ଜଗନ୍ନାଥପୁର ଇଦଗା ଠାରେ ଥିବା ମସଜିଦରେ ହଜାର ହଜାର ସଂଖ୍ୟକ ମୁସଲମାନ ଭାଇମାନେ ଏକତ୍ରିତ ହୋଇ ନମାଜ କରିବା ସହ ନିଜ ନିଜ ମଧ୍ୟରେ ଇଦ ମୁବାରକ ଜଣାଇଥିଲେ। ଏହି ପଡିଆ ପରିସରରେ ଜଗନ୍ନାଥପୁର, ମଲିକପୁର, ନନ୍ଦକିଶୋରପୁର, ଦୋ÷ଲତପୁର, ସାହାପୁର, ମଧୁପୁର ଆଦି ଅଞ୍ଚଳର ମୁସଲମାନ ଭାଇମାନେ ଯୋଗ ଦେଇଥିଲେ। ସେହିପରି କୁହୁଣ୍ଡା, ଗୁଣ୍ଡୁପୁର, ବାସୁଦେବପୁର, କୋଳିଅଠା, ଅକରପଡା, ରାମକାପୁର, ନାହଙ୍ଗ, ଭଦ୍ରେଶ୍ୱର, କୁରୁଜଙ୍ଗା, ଓଷଙ୍ଗ ସମେତ ୩୭ଟି ପଞ୍ଚାୟତର ମୁସଲମାନ ଭାଇମାନେ ଏହି ପର୍ବ ପାଳନ କରିଛନ୍ତି। ଏହି ଅବସରରେ ମାହାଙ୍ଗା ବିଧାୟକ ପ୍ରତାପ ଜେନା ମାହାଙ୍ଗାର ସମସ୍ତ ମୁସଲମାନ ଭାଇଭଉଣୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

**ନିଶ୍ଚିନ୍ତକୋଇଲି:** ନିଶ୍ଚିନ୍ତକୋଇଲି ବ୍ଲକ ଜୟରାମପୁର ପଞ୍ଚାୟତ ତବଲିଗ୍‌ନଗର ଠାରେ ଥିବା ଜାମିଆଁ ଇସଲାମିଆ ମର୍କଜୁଲ ଉଲୁମ ସୁଙ୍ଗୁଡ଼ା ଆନୁକୂଲ୍ୟରେ କାଜିହାଟ ଇଦ୍‌ଘାରେ ଆନନ୍ଦ ଉଲ୍ଲାସର ସହିତ ଭାଇଚାରାର ପର୍ବ ଇଦ୍-ଉଲ-ଫିତର ପାଳିତ ହୋଇଛି। ପାଗର ପ୍ରତିକୂଳ ପରିବେଶ ସତ୍ତ୍ୱେ ଏହି କାର୍ଯ୍ୟକ୍ରମରେ ୪୨ଟି ମହଲାରୁ ୨୦ହଜାରରୁ ଉଦ୍ଧ୍ୱର୍ ଇସଲାମ ଧର୍ମାବଲମ୍ବୀ ମାନେ ଆସି ସମୂହ ନମାଜ ପାଠ କରିଛନ୍ତି। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ଧର୍ମଗୁରୁ ମୌଲାନା ସୟଦ୍ ନକିବୁଲ ଅମିନ ବର୍କି ୧ ଘଣ୍ଟା କାଳ ଇସଲାମ ଧର୍ମର କୋରାନରେ ଲିପିବଦ୍ଧ ହୋଇଥିବା ଇଦ୍-ଉଲ-ଫିତର ପର୍ବ ପାଳନର ଆଭିମୁଖ୍ୟ ସଂକ୍ରାନ୍ତରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଜଇମୁଲ ଇସଲାମ, ମୌଲାନା ଅଞ୍ଜର ନକି, ହଫିଜ ନୱାଲ ସାହେବ, ସେକ୍ ମହମ୍ମଦ କଲିମୁଲ୍ଲା ଆଜାଦ୍, ମୌଲାନା ଅଜଗର ହୁସେନ ଖାଁ, ସୟଦ ଅଲ୍ଲୀ ଅସରଫ ପ୍ରମୁଖ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ମାହାଙ୍ଗା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ବ୍ଲକ ଉପାଧ୍ୟକ୍ଷ ଅଶୋକ ଓଝା, ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାନ୍ତିଙ୍କ ସମେତ ବହୁ ଜନପ୍ରତିନିଧି ଓ ନେତୃବୃନ୍ଦ ଯୋଗଦେଇ ଇସଲାମ ଧର୍ମାବଲମ୍ବୀ ଭାଇଙ୍କୁ ଇଦ୍ ମୁବାରକ ଜଣାଇଥିଲେ। ସେହିପରି ମାହାଙ୍ଗା କଂଗ୍ରେସ ନେତା ତଥା ପିସିସି ସମ୍ପାଦକ ପ୍ରଦୀପ୍ତ କୁମାର ଦାସ, ସେକ୍ ସଦାମ, ମହମ୍ମଦ ବୁରାନ୍, ଦିଲ୍ଲୀପ କୁମାର ରାଉତ, ଅମୀୟ ବିଶ୍ୱାଳ, ସଞ୍ଜୟ କୁମାର ବେହେରାଙ୍କ ସମେତ ବହୁ କଂଗ୍ରେସ ନେତୃବୃନ୍ଦ ମଧ୍ୟ ଉପସ୍ଥିତ ହୋଇ ମୁସଲମାନ ଭାଇଙ୍କୁ ଇଦ୍ ମୁବାରକ ଜଣାଇଥିଲେ।

**ନିଶ୍ଚିନ୍ତକୋଇଲି:** ଜିଗ୍ନୀପୁର ପଞ୍ଚାୟତ ବାହାବଳପୁର ଠାରେ ଥିବା ବରେଲି ମସଜିଦ୍‌ରେ ତ୍ୟାଗ ଓ ଭାତୃଭାବର ପର୍ବ ଇଦ୍-ଉଲ-ଫିତର ପାଳିତ ହୋଇଛି। ଏହି ଅବସରରେ ମୌଲାନା ସରତାଜ ଅହମ୍ମଦଙ୍କ ଦ୍ୱାରା ଏକ ହଜାରରୁ ଉର୍ଦ୍ଧ୍ୱ ଇସଲାମ ଧର୍ମାବଲମ୍ବୀଙ୍କୁ ସମୂହ ନମାଜ ପାଠ କରାଯାଇଛି। ଗାଁ ସର୍ଦ୍ଦାର ସେକ୍ ଅଲ୍ଲି ମୁଦ୍ଦିନଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱବଧାନରେ କଟକ ଜିଲ୍ଲା ବିଜେଡି ସଂଖ୍ୟାଲଘୁ କମିଟିର ଉପସଭାପତି ଜାକିର ଖାଁ, ଅବଦୁଲ ରଜାକ ଖାଁ, ସମାଜସେବୀ ସେକ୍ ନୁର ଉଦ୍ଦିନ୍, ଶିକ୍ଷାବିତ୍ ସେକ୍ ଜହୁରୁଦ୍ଦିନ୍, ରାକିବ ଖାଁ, ନାଏବ ସରପଞ୍ଚ କୁଦରତ ଅଲ୍ଲୀ ଖାଁ, ଯୁବନେତା କସର ଖାଁ, ଅବଦୁଲ ଅମ୍ରାନ୍ ଖାଁ ପ୍ରମୁଖ ଯୋଗଦେଇ ଇସଲାମ ଧର୍ମ ସଂକ୍ରାନ୍ତରେ ଚର୍ଚ୍ଚା ଓ ଆଲୋଚନା କରିଥିଲେ।

**ନିଆଳି:** ନିଆଳି ବ୍ଲକ ଅଞ୍ଚଳରେ ଥିବା ନିଆଳି, ମାଧବ, ନୂଆଗାଁ ଓ ଅଥଙ୍ଗା ସ୍ଥିତ ସଂଖ୍ୟାଲଘୁ ସଂପ୍ରଦାୟ ବସ୍ତିରେ ଭାଇଚାରାର ପର୍ବ ଇଦ୍-ଉଲ୍-ଫିତର୍ ଆନନ୍ଦ ଉଲ୍ଲାସର ସହ ପାଳିତ ହୋଇଯାଇଛି। ଏହି ଅବସରରେ ଗୁରୁବାର ନିଆଳିର ଇଦ୍‌ଗା ପଡିଆରେ ହଜାର ହଜାର ସଂଖ୍ୟାଲଘୁ ସଂପ୍ରଦାୟର ଭାଇମାନେ ଏକତ୍ରିତ ହୋଇ ସମୂହ ନମାଜ ପାଠ କରିଥିଲେ। ପରେ ନିଆଳି ବଜାର ସ୍ଥିତ ପୀରଙ୍କ ପୀଠ ଦର୍ଶନ କରି ନିଆଳି ବଜାର ପରିକ୍ରମା କରିଥିଲେ। ପ୍ରତ୍ୟେକଙ୍କୁ ଇଦ୍ ମୁବାରକ ଜଣାଇବା ସହ ଆନନ୍ଦ ଉଲ୍ଲାସର ସହ ଏହି ପର୍ବ ପାଳନ କରାଯାଇଥିବା ଜଣାଯାଇଛି। ଜଗତସିଂହପୁର ସାଂସଦ ଡାକ୍ତର ରାଜଶ୍ରୀ ମଲ୍ଲିକ, ସ୍ଥାନୀୟ ବିଧାୟକ ପ୍ରଫେସର ପ୍ରମୋଦ ମଲ୍ଲିକ, ପୂର୍ବତନ ବିଧାୟକ ରବିନ୍ଦ୍ର ମଲ୍ଲିକ, ଜିଲ୍ଲାପରିଷଦ ସଭ୍ୟ ଦେବାଶିଷ ଷଡଙ୍ଗୀ, ବ୍ଲକ ଯୁବ ବିଜେଡି ସଭାପତି ବିଷ୍ଣୁ ଚରଣ ସ୍ୱାଇଁ, ନିଆଳି ବ୍ଲକ କଂଗ୍ରେସ ସଭାପତି ସୌଭାଗ୍ୟ ରଞ୍ଜନ ବସ୍ତିଆ, ନୂଆଗାଁ ସରପଞ୍ଚ ଜ୍ୟୋତି ରଞ୍ଜନ ମଲ୍ଲିକ, ଡ. କେଦାରନାଥ ସାହୁ, ପୂର୍ବତନ ସରପଞ୍ଚ ପ୍ରଶାନ୍ତ କୁମାର ସିଂହ, ସଂଗଠକ ପ୍ରଦୀପ ଦାସ, ପ୍ରମୋଦ ବେହେରା, ମିଲୁଚରଣ ବେହେରା ଇଦ୍ ଶୁଭେଚ୍ଛା ଜଣାଇଥିଲେ।


ନିଶ୍ଚିନ୍ତକୋଇଲି


ଟାଙ୍ଗୀ

